ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୯ ଜାନୁୟାରୀ, ୨୦୨୩



**କିନ୍ନର ସଂଘର କଳସ ଶୋଭାଯାତ୍ରା**

ଟିଟିଲାଗଡ,(ଡି.ଏନ.ଏ.): ଟିଟିଲାଗଡ ଘଣ୍ଟାଶୁଣୀ କିନ୍ନର ସଂଘରେ ୪ଜଣ ନୂଆ ସଦସ୍ୟ ଯୋଗଦେବା ପରିପ୍ରେକ୍ଷୀରେ ଶନିବାର କିନ୍ନରମାନେ ସହରରେ କଳସ ଯାତ୍ରା କରିଥିଲେ। ଏଥିରେ ଛତିଶଗଡ଼ରୁ କିନ୍ନରଙ୍କ ଗୁରୁ ନଗିନା ନାଏକ ଯୋଗଦେଇଥିଲେ। ସ୍ଥାନୀୟ କିନ୍ନର ସଂଘ ମୁଖ୍ୟ ମଧୁ ନାଏକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଦୁଇଦିନ ଧରି ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

# ପ୍ରେମିକ ସହ ମିଶି ଶାଶୁଙ୍କୁ ମାରି ପୋଡ଼ିଥିଲେ ବୋହୂ

**ସଇଁତଳା, ୨୮।୧ (ଡି.ଏନ.ଏ.)**


ଡେମୋ ଦେଖାଇଲେ ଅଭିଯୁକ୍ତ।


ଅଭିଯୁକ୍ତ ଢୁଲେଶ୍ୱର।


ଅଭିଯୁକ୍ତ ନିରୁପମା।

ବଲାଙ୍ଗୀର ଜିଲା ସଇଁତଳା ଥାନା ଠୁର୍ଲନିକାନୀ ଗ୍ରାମ୍ୟ ଜଙ୍ଗଲରୁ ଗତ ୨୫ ତାରିଖ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ହୋଇଥିଲା। ମୃତା ହେଲେ ରତନୀ ରଣା(୫୫)। ତାଙ୍କୁ ହତ୍ୟା କରିଥିଲେ ଖୋଦ୍ ତାଙ୍କ ବୋହୂ ନିରୂପମା ରଣା। ଏଥିରେ ସହାୟତା କରିଥିଲେ ତାଙ୍କ ପ୍ରେମିକ କୁହାଯାଉଥିବା ଢୁଲେଶ୍ୱର ଓରଫ ଗୁନୁ ରଣା(୨୦)। ଶନିବାର ଅପରାହ୍ନରେ ଅଭିଯୁକ୍ତ ହତ୍ୟାକାଣ୍ଡର ଡେମୋ ଦେଖାଇଥିଲେ। ଉଭୟେ ମିଶି ରତନୀଙ୍କୁ ହତ୍ୟା କରିବା ପରେ ପୋଡି ଦେଇଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଉଭୟଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଟିଟିଲାଗଡ଼ ଜେଲ ହାଜତକୁ ପଠାଇ ଦିଆଯାଇଛି। ସଇଁତଳା ଥାନା ପରିସରରେ ଅପରାହ୍ନରେ ଆୟୋଜିତ ଖବରନାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ଟିଟିଲାଗଡ ଏସ୍‌ଡିପିଓ ଅଙ୍କିତା କୁମ୍ଭାର।

ଖବର ଅନୁସାରେ ଠୁର୍ଲନୀକାନୀ ଗ୍ରାମର ହରି ରଣାଙ୍କ ସ୍ତ୍ରୀ ନିରୂପମା(୩୦)ଙ୍କର ବିବାହର ଦୀର୍ଘବର୍ଷ ପରେ ମଧ କୌଣସି ସନ୍ତାନସନ୍ତତି ହୋଇ ନ ଥିଲା । ଏହାର ଉପଚାର କରିବା ପାଇଁ ଉଭୟ ସ୍ୱାମୀ ଓ ସ୍ତ୍ରୀ ଗୁଡଭେଲା ବ୍ଲକ ତାରାସୁଗୁଡା ଗ୍ରାମରେ ମା' ତାରିଣୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ଗୁଣିଗାରେଡି କରୁଥିବା ନେଇ ସମ୍ପର୍କୀୟ ଜଗନ୍ନାଥ ରଣାଙ୍କ ପରାମର୍ଶ ଲୋଡିଥିଲେ । ଏହି ସମୟରେ ଜଗନ୍ନାଥଙ୍କ ପୁଅ ଢୁଲେଶ୍ୱର ଓରଫ ଗୁନଙ୍କ ସହ ନିରୂପମାଙ୍କର ସମ୍ପର୍କ ଗଢି ଉଠିଥିଲା । ଢୁଲେଶ୍ୱର ଅନେକ ସମୟରେ ଠୁର୍ଲନୀକାନୀ ଆସୁଥିଲେ। ତାଙ୍କ ଯିବା ଆସିବାକୁ ଶାଶୁ ରତନୀ ବାରଣ କରୁଥିଲେ। ରତନୀଙ୍କ ସ୍ୱାମୀ ରସିକ ବଲାଙ୍ଗୀର ଜାମଗାଁରେ ଜନୈକ ଠିକାଦାର ପାଖରେ କାମ କରୁଥିବାବେଳେ ପୁଅ ହରି ରଣା ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲି ଯାଇଥିଲେ। ଘରେ ଶାଶୁ ବୋହୂ ରହୁଥିଲେ । ବାଟରୁ ହଟାଇଦେବା ପାଇଁ ନିରୂପମା ସୁଯୋଗ ଖୋଜୁଥିଲେ। ଘଟଣା ଦିନ ରତନୀଙ୍କୁ ଜଙ୍ଗଲରୁ ପତ୍ର ଆଣିବା ପାଇଁ ଘଟଣା ଦିନ ପଠାଇ ଦେଇଥିଲେ । ପୂର୍ବ ଯୋଜନା ମୁତାବକ ସେଠାରେ ପ୍ରସ୍ତୁତ ହୋଇ ରହିଥିବା ଢୁଲେଶ୍ୱର ରତନୀଙ୍କୁ ପଛପଟୁ ଧକ୍କା ମାରି ତଳେ ପକାଇ ଦେଇଥିଲେ। ଏହା ପରେ ଏକ ଛୁରିରେ ତାଙ୍କ ଗଳାକୁ କାଟିହତ୍ୟା କରିଥିଲେ। ପରେ ନିରୂପମାଙ୍କ ସହ ମିଶି ସେଠାରେ ପୋଡି ଦେଇଥିବା ଡେମୋରେ ଦେଖାଇଥିଲେ। ଖବରଦାତା ସମ୍ମିଳନୀରେ ସଇଁତଳା ଥାନା ଅଧିକାରୀ ଅବନୀ ସାହୁ ଉପସ୍ଥିତ ଥିଲେ।

**ଜଙ୍ଗଲରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ଘଟଣା**

- ହତ୍ୟା ପଛରେ ପରକୀୟା ପ୍ରୀତି
- ଡେମୋ ଦେଖାଇଲେ ଅଭିଯୁକ୍ତ

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ

**କର୍ଲାମୁଣ୍ଡା,୨୮।୧(ଡି.ଏନ.ଏ.)**


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୭ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାମନ୍ଦିର ସଭାପତି ସୁଦର୍ଶନ ସାହୁ ସଭାପତିତ୍ୱ କରିଥିଲେ। ବ୍ଲକ ଅଧ୍ୟକ୍ଷା କୁନି ସାହୁ ମୁଖ୍ୟ ଅତିଥି, ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ଅବିନାଶ ଠାକୁର, ତହସିଲଦାର ମିଳନ କୁମାର ଝାଙ୍କର, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ସୁରେଶ ଚୌଧୁରୀ, ଶିଶୁମନ୍ଦିର ସମ୍ପାଦକ କାହ୍ନୁ ଚରଣ ସାହୁ, ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ଅଧିବେଶନର ସଭା କାର୍ଯ୍ୟରେ ପରିଚାଳନା ସମିତି ସଭାପତି ସୁଦର୍ଶନ ସାହୁ ଅଧ୍ୟକ୍ଷତା କରିଥିଲେ। କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ମୁଖ୍ୟ ଅତିଥି, ଆର୍‌ଏସ୍‌ଏସ୍‌ର ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ଓଡ଼ିଶା ପଶ୍ଚିମ ଅରୁଣ କୁମାର ନାଏକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉତ୍ତମ ମଣିଷ ତିଆରିରେ ଗୁରୁମା ଗୁରୁଜୀଙ୍କ ସହ ଅଭିଭାବିକା ଅଭିଭାବକମାନଙ୍କ ସମାନ ଭୂମିକା ରହିଛି ବୋଲି ମତପ୍ରକାଶ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ବିଦ୍ୟା ମନ୍ଦିର ହିଁ ସର୍ବଶ୍ରେଷ୍ଠ ମନ୍ଦିର

**ନୂଆପଡା ଅଫିସ, ୨୮।୧**


ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଲଖନା ପଞ୍ଚାୟତର ମେଣ୍ଡାଟାଲସ୍ଥିତ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖେମ ଦାସଙ୍କ ନେତୃତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ଜିଲା ମଙ୍ଗଳ ଅଧିକାରୀ ନନ୍ଦି କିଶୋର ତାଣ୍ଡି ମୁଖ୍ୟ ଅତିଥି, ଭୁବନେଶ୍ୱର ରାଉତ, ଅବନୀ ରଞ୍ଜନ ଯୋଶୀ, ଲଖନା ସରପଞ୍ଚ ଜିତେନ୍ଦ୍ର ଠାକୁର, ବିଦ୍ୟାଳୟ ସଭାନେତ୍ରୀ ଯଶୋବନ୍ତୀ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଇଓ ହେମସାଗର ମହାନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ମଣିଷର ମୁଖ୍ୟ ଧର୍ମ ହେଉଛି ଶିକ୍ଷା। ଶିକ୍ଷା ବିନା ଉନ୍ନତି ଅସମ୍ଭବ। ସବୁ ମନ୍ଦିରଠାରୁ ବିଦ୍ୟା ମନ୍ଦିର ହିଁ ସର୍ବଶ୍ରେଷ୍ଠ ମନ୍ଦିର ବୋଲି ସେ ମତପୋଷଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ ନାରାୟଣ ପଣ୍ଡାଙ୍କୁ ସମ୍ମାନିତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜଗବନ୍ଧୁ ବଡଗୋଛିଆ ଓ ବିଭୂତି ଭୂଷଣ ହୋତା ମଞ୍ଚ ପରିଚାଳନା କରିଥିବା ବେଳେ ଚନ୍ଦ୍ରଭାନୁ ବିଶ୍ୱାଳ ବିବରଣୀ ପଠନ କରିଥିଲେ। ପରମାନନ୍ଦ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସମ୍ବଲପୁରୀ ନାଟକ ମହକି ଆୟେବା ଆମର ମେଣ୍ଡାଟାଲ ମଞ୍ଚସ୍ଥ ହୋଇଥିଲା।

# ଥାନାର ଦ୍ୱାରସ୍ଥ ହେଲେ ଛାତ୍ରୀଛାତ୍ର


ଟାଉନ ଥାନାରେ ଅଭିଯୋଗ କରିଥିବା ଛାତ୍ରୀଛାତ୍ର।

**ଭବାନୀପାଟଣା,୨୮।୧(ସ୍ୱପ୍ର)**

**ଆଡମିଶନ ପରେ ପାଠପଢା ହେଉନି**

ପ୍ରଥମେ ଟଙ୍କା ନେଇ ବିବିଏ ଓ ବିସିଏ କୋର୍ସ ପାଇଁ ଛାତ୍ରୀଛାତ୍ରଙ୍କଠାରୁ ଟଙ୍କା ନେଇ ଆଡମିଶନ କଲେ। ବର୍ତ୍ତମାନ କର୍ତ୍ତୃପକ୍ଷ ସେମାନଙ୍କୁ ପାଠ ନ ପଢାଇ ଏହି ବିଷୟର ବିଭାଗ ବନ୍ଦ ହୋଇଯାଇଥିବା କହୁଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଏ ନେଇ ଶନିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏଭଳି ଏକ ଘଟଣା ଘଟିଛି ଭବାନୀପାଟଣା ସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ବିବିଏ ଓ ବିସିଏ ବିଭାଗରେ।

ଅଭିଯୋଗ ଅନୁସାରେ, ୨୦୨୨ ଜୁଲାଇ ମାସରେ କିଛି ଛାତ୍ରୀଛାତ୍ର ବିବିଏ ଓ ବିସିଏ କୋର୍ସ ପାଇଁ ୩୦ହଜାର ଟଙ୍କା ଦେଇ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଆଡମିଶନ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା କୋର୍ସ ଆରମ୍ଭ ନ ହେବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପଟେ ବିବିଏ ଓ ବିସିଏ ବିଭାଗ ବନ୍ଦ ହୋଇଯାଇଥିବା ଓ ଆଡମିଶନ ଟଙ୍କା ଫେରସ୍ତ ନେବା ପାଇଁ କୁହାଯାଉଛି। ଫଳରେ ଯୁବରାଜ ସାହୁ, ପ୍ରତ୍ୟୁଷ ନାଥ ସାହୁ, ବିଶ୍ୱଜିତ ମିଶ୍ର ଏବଂ ଅକ୍ଷୟ ପଟେଲ ପ୍ରମୁଖ ଛାତ୍ରୀଛାତ୍ର ଶନିବାର ଟାଉନ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଟାଉନ ଥାନା ଆଇଆଇସି ପ୍ରଦୀପ ଧରୁଆଙ୍କୁ ପଚାରିବାରୁ ଘଟଣାକୁ ନେଇ ଛାତ୍ରୀଛାତ୍ରମାନେ ଥାନାରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ଅନ୍ୟପକ୍ଷେ ଘଟଣା ସମ୍ପର୍କରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରିନାହିଁ।

# ଦୋକାନରୁ ଚୋରି ଘଟଣା: ୨ କୋର୍ଟଚାଲାଣ

**ଜୁନାଗଡ଼,୨୮।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ସହର ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ଏକ ବାସନକୁସନ ଦୋକାନରୁ ଗତ ୨୫ ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଏ ନେଇ ଦୋକାନ ମାଲିକ ଗୋବିନ୍ଦ ସାହୁ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୯।୨୩) ରୁଜୁ କରିବା ସହ ତଦନ୍ତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ନୂଆପଡ଼ାର ଇନ୍ଦ୍ର କୁମାର ସାହୁ(୨୨) ଓ ଅକ୍ଷୟ ମାଝି(୨୪)। ଶନିବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ ସେମାନଙ୍କଠାରୁ ୧୧,୫୦୦ ଟଙ୍କା ଓ ଗୋଟିଏ ମୋପେଡ ଜବତ କରିଛି।

# ଆମପାଣି ବଡ଼ବନ୍ଧର ସୌନ୍ଦର୍ଯ୍ୟକରଣ ଭିତ୍ତିପ୍ରସ୍ତର ସ୍ଥାପନ

**କୋକସରା,୨୮।୧(ଡି.ଏନ.ଏ)**


ଅତିଥିମାନେ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ଅନ୍ତର୍ଗତ ଆମପାଣି ଗ୍ରାମରେ ଥିବା ବଡବନ୍ଧ ପୋଖରୀର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ଥର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆମପାଣି ପଞ୍ଚାୟତ ସରପଞ୍ଚ ରୁକ୍ମଣୀ ବାଣୁଆଙ୍କ ସଭାପତିତ୍ୱରେ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପରେ ଧର୍ମଗଡ ବିଧାୟକ ମୌଷଧି ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ଥର ସ୍ଥାପନ କରିଥିଲେ। କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଡ଼ିଓ ଉତ୍ତମ ବାଗ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ନାଏବ ସରପଞ୍ଚ ଭବାନୀ ଶଙ୍କର ପୁରୋହିତ, ମନୋରଞ୍ଜନ ବାଣୁଆ, ଜିତେନ୍ଦ୍ର ପଣ୍ଡା, ଫକୀର ପୂଜାରୀ, ସୁରେଶ ସାହୁ, ବିଜୟ ପଣ୍ଡା, ଶିବରାମ ପାତ୍ର, ଆଶୁତୋଷ ପୁରୋହିତ, ତିଳୋତ୍ତମା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଳିମାଡ଼ରେ ଯୁବକ ଗୁରୁତର, ଅଭିଯୁକ୍ତ ଗିରଫ

**ନୂଆପଡା ଅଫିସ,୨୮।୧**

ନୂଆପଡା ଜିଲା କୋମନା ଥାନା ତରବୋଡ ଫାଣ୍ଡି ଅଧୀନ ଦର୍ଲିପଡା ଗାଁ ନିକଟରେ ଲଖନା ଥାନା ଡେଡେଙ୍ଗା ଗାଁର ମୂଳବାସିନ୍ଦା ତଥା ବର୍ତ୍ତମାନ ଡୁମେରପାଣି ଗାଁରେ ରହୁଥିବା ଯୁବକ ମଙ୍ଗଳ ଶଗରିଆ (୩୦)ଙ୍କୁ ଗୁଳିମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ତରବୋଡ ଡାକ୍ତରଖାନା ଏବଂ ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୋଲିସ ଦର୍ଲିପଡା ଗାଁର ହୃଷୀକେଶ ମାଝି (୨୩)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଗୋଟିଏ ବନ୍ଧୁକ ଜବତ ହୋଇଛି। ଏ ନେଇ କୋମନା ଥାନାରେ ଏକ ମାମଲା (ନଂ.୩୨/୨୩) ରୁଜୁ କରି ତଦନ୍ତ ଜାରି ରହିଛି ବୋଲି ଫାଣ୍ଡି ଅଧିକାରୀ ସହଦେବ ଯୋଶୀ ସୂଚନା ଦେଇଛନ୍ତି ।

ପୋଲିସ ସୂଚନା ଅନୁସାରେ, ଶନିବାର ଅପରାହ୍ନରେ ମଙ୍ଗଳ ଦୋକାନ ସାମଗ୍ରୀ ଆଣିବାକୁ ଏକ ବାଇକ୍ ଯୋଗେ ଡୁମେରପାଣିରୁ ଦର୍ଲିପଡା ଯାଉଥିଲେ। ଏହି ସମୟରେ ହୃଷୀକେଶ ରାସ୍ତାରେ ମଙ୍ଗଳଙ୍କୁ ଲିଫ୍ଟ ମାଗିବାରୁ ସେ ତାଙ୍କୁ ବାଇକ୍‌ରେ ବସାଇ ଦର୍ଲିପଡା ନେଇଥିଲେ। ଦର୍ଲିପଡା ପଦ୍ମପୁର ପଡାର ଏକ କିରାନା ଦୋକାନ ପାଖରେ ବାଇକ୍ ଅଟକାଇବା ପାଇଁ ହୃଷୀକେଶ କହିଥିଲେ। ତେବେ ଦୋକାନଠାରୁ ଅଳ୍ପ କିଛି ଦୂରରେ ବାଇକ୍ ଅଟକାଇବାରୁ ହୃଷୀ ରାଗିଯାଇ ମଙ୍ଗଳଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ମଙ୍ଗଳଙ୍କ ମୁଣ୍ଡରେ ଗୁଳିମାଡ଼ ହୋଇଥିଲା। ସ୍ଥାନୀୟ ଲୋକେ ମଙ୍ଗଳଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏକ ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଇଥିଲେ।

ଉଲ୍ଲେଖନୀୟ, ମଙ୍ଗଳଙ୍କ ପ୍ରକୃତ ଘର ହେଉଛି ଲଖନା ଥାନା ଡେଡେଙ୍ଗା ଗାଁରେ। ସେ ଦର୍ଲିପଡା ପଞ୍ଚାୟତ ଡୁମେରପାଣି ଗାଁର ଯୋଗେଶ୍ୱର ସୁନାନୀଙ୍କ ଝିଅକୁ ବିବାହ କରିଛନ୍ତି। କାମଧନ୍ଦା ଅଭାବରୁ ମଙ୍ଗଳ ଡେଡେଙ୍ଗା ଗାଁରେ ନ ରହି ଡୁମେରପାଣି ଗାଁ ଶ୍ୱଶୁର ଘରେ ରହି ଅନ୍ୟର ଇଟା ତିଆରି କରି ପରିବାର ପ୍ରତିପୋଷଣ କରୁଥିଲେ।

# ୩୧ରୁ ଆୟୁଷ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବଲାଙ୍ଗୀର ଅଫିସ, ୨୮।୧**

ରାଜ୍ୟ ଆୟୁଷ ଡାକ୍ତର ସଂଘ ନିଷ୍ପତ୍ତି ଓ ନିର୍ଦ୍ଦେଶ କ୍ରମେ ବଲାଙ୍ଗୀର ଆୟୁଷ ଡାକ୍ତର ସଂଘର ଏକ ପ୍ରତିନିଧି ଦଳ ଜିଲାପାଳ ଏବଂ ସିଡିଏମଓଙ୍କୁ ସାକ୍ଷାତ୍ କରି ଆସନ୍ତା ୩୧ ତାରିଖରୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଜଣାଇଛନ୍ତି। ୨୦୦୭ ମସିହାରୁ ଠିକା କର୍ମଚାରୀ ଭାବେ କାମ କରୁଥିବା ଏହି ଡାକ୍ତରମାନେ ଓପିଡି/ଆଇପିଡି ବ୍ୟତୀତ ଇମରଜେନ୍ସି, ପ୍ରସୂତି ବିଭାଗ ଆଦି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ଆଇପିଏଚ୍‌ଏସ୍ ନର୍ମ ଅନୁଯାୟୀ ପ୍ରତି ପିଏଚସି/ସିଏଚସିରେ ଜଣେ ଆୟୁଷ ନିୟୋଜିତ ହେବାର ନିର୍ଦ୍ଦେଶ ରହିଛି। ଓଆରଭି ଆକ୍ଟ ଅନୁଯାୟୀ ବିଜ୍ଞାପନ ପ୍ରକାଶ ପାଇବା ସହ ଅର୍ଥ ବିଭାଗ ୧୪୮୫ ପଦକୁ ମଞ୍ଜୁରୀ ଦେଇସାରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟନିର୍ବାହୀ ଅଧିବେଶନରେ ଏମାନେ ନିୟମିତ ହେବା ଯୁକ୍ତିଯୁକ୍ତ ବୋଲି ନିଷ୍କର୍ଷ ବାହାରିଥିଲା। ୨୦୧୮ରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ ଡାକ୍ତରଙ୍କ ନିୟମିତିକରଣକୁ ଅଗ୍ରାଧିକାର ଦେଉଥିବାର ସୂଚନା ଦେଇଥିଲେ। କୋଭିଡ ମହାମାରୀ ସମୟରେ ଆୟୁଷ ଡାକ୍ତରମାନେ ଆଗଧାଡିର ଯୋଦ୍ଧା ଭାବେ ଅନେକ ଉଚ୍ଚ ପ୍ରଶଂସିତ ହୋଇଥିଲେ। ଏତେ ସବୁ ସତ୍ତ୍ୱେ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ଜିଲାପାଳ ଚଞ୍ଚଳ ରାଣା ଏବଂ ସିଡିଏମ୍‌ଓ ଡା ପ୍ରଦୀପ୍ତ ଗୁରୁଙ୍କୁ ଆୟୁଷ ଡାକ୍ତରମାନେ ଦାବିପତ୍ର ଦେଇଛନ୍ତି।

# ରାଜ୍ୟସ୍ତରୀୟ ଫୁଟବଲ: ମୁରିବାହାଲ ଚାମ୍ପିୟନ

**ମୁରିବାହାଲ,୨୮।୧(ଡି.ଏନ.ଏ.)**


ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

ବଲାଙ୍ଗୀର ଜିଲା ମୁରିବାହାଲ ୟୁଥ ଓ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ୩୦ ତମ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ଶନିବାର ମୁରିବାହଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳ ମୁରିବାହାଲ ଓ ନୂଆପଡ଼ ମଧ୍ୟରେ ହୋଇଥିଲା। ୧-୦ଗୋଲରେ ବିଜୟୀ ହୋଇ ମୁରିବାହାଲ ଦଳ ଚାମ୍ପିୟନ ହୋଇଛି। କମିଟି ସଭାପତି ବଡ଼ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥିଭାବେ ମୁରିବାହାଲ ଥାନା ଅଧିକାରୀ କମଳଲୋଚନ ବେହେରା, ଆଇନଜୀବୀ ରଶ୍ମିତା ମହାନନ୍ଦ, ପତ୍ରାପାଲି (କ) ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ସନ୍ୟାସୀ ପୁଟେଲ, ବିଶିଷ୍ଟ କ୍ରୀଡ଼ାବିତ ଶ୍ୟାମ ସୁନ୍ଦର ମେହେର, ଅଗସ୍ତି ବଘାର ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ମୁରିବାହାଲ ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ଓ ଉପବିଜେତା ନୂଆପଡା ଦଳକୁ ଟ୍ରଫି ସହ ନଗଦ ୭ ହଜାର ଟଙ୍କା ପୁରସ୍କାର ରାଶି ଅତିଥିମାନେ ପ୍ରଦାନ କରିଥିଲେ। ସୁଜିତ ସରାଫ ପ୍ଲେୟର ଅପ ଦ ମ୍ୟାଚ, ଶ୍ରେଷ୍ଠ ଗୋଲ କିପର କୋଶଳ ହଂସ, ଶ୍ରେଷ୍ଠ ଡିଫେନ୍ସ ଭିକାରୀ ମଲ୍ଲିକ, ଟର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଜିତେନ୍ଦ୍ରିୟ ବଛା, ଶ୍ରେଷ୍ଠ ସ୍କୋରର ଅଜିତ ବାଗଙ୍କୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରିଚାଳନା କରିଥିଲେ ଲିଲୁମୋହନ ପଧାନ ଓ ଦନାର୍ଦ୍ଦନ ବଗର୍ତ୍ତି। ମ୍ୟାଚକୁ ଶ୍ରୀବତ୍ସ ବେହେରା ଆଶୀର୍ବାଦ ସା, ଆଶିଷ ଦେବ ସା, ଅଶ୍ୱନି ଭୁକ୍ତା, ପ୍ରତାପ ଭୁକ୍ତା ପରିଚାଳିନା କରିଥିଲେ। ଟୁର୍ନାମେଣ୍ଟର ସଫଳ ପରିଚାଳନାରେ କେଦାର ବଡ଼ଜେନା, ଉପସଭାପତି ଗୋପୀ ମାଝି, ଅବିନାଶ ଭୋଇ, ଦିବ୍ୟସୁନ୍ଦର ସାହୁ,ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବଘାର, ପ୍ରେମାନନ୍ଦ ମାଝି, କେଦାର ବଡ଼ଜେନା, ବିକି ମହାରଣା, ସୁଧାଂଶୁ ପୋଢ଼ ଯାଦବ, ପ୍ରକାଶ ବଘାର, ଭାରତ ଭୋଇ, ଅବିନାଶ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଧରା ବିବରଣୀ ପ୍ରଦାନ କରିଥିଲେ ଦୀନବନ୍ଧୁ ବଗର୍ତ୍ତୀ ଓ ପ୍ରଭୁଦାସ କୁମ୍ଭୀର।

ଆଜାଦୀ କା ଅମୃତ ମହୋତ୍ସବ
G20
**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର)
**EMPLOYEES' PROVIDENT FUND ORGANISATION**
(MINISTRY OF LABOUR & EMPLOYMENT , GOVT. OF INDIA)
ଆଞ୍ଚଳିକ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼
Regional Office, Bhavishyanidhi Bhawan, Panposh Road, Roukela - 769012, E - mail : ro.rourkela@epfindia.gov.in

**ପ୍ରେସ୍ ବିଜ୍ଞପ୍ତି**

ନିଧି ଆପକେ ନିକଟ୍-୨.୦ ଶୃଙ୍ଖଳା ଅନ୍ତର୍ଗତ ଭବିଷ୍ୟନିଧି ସଂଗଠନର ଏହି ମହତ୍ୱାକାଂକ୍ଷୀ ଓ ଯୋଜନାବଦ୍ଧ 'ଜିଲ୍ଲା ସଚେତନତା ଏବଂ ସନ୍ନିକଟତା କାର୍ଯ୍ୟକ୍ରମ' ସର୍ବଭାରତୀୟସ୍ତରରେ ଦେଶର ସମସ୍ତ ଜିଲ୍ଲା ସହ ରାଉରକେଲା ଭବିଷ୍ୟନିଧି କାର୍ଯ୍ୟାଳୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ପାଞ୍ଚଟି ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଏବଂ ଦେବଗଡ଼ରେ ୨୭.୦୧.୨୦୨୩ ତାରିଖ ଶୁକ୍ରବାର ଦିନ ଆରମ୍ଭ ହୋଇଛି । ଏହି ବିଶାଳ ସଚେତନତା ଏବଂ ସନ୍ନିକଟତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି, ବିଶ୍ୱର ସର୍ବବୃହତ୍ ସାମାଜିକ ସୁରକ୍ଷାର ମାନ୍ୟତା ବହନ କରୁଥିବା କର୍ମଚାରୀ ଭବିଷ୍ୟନିଧି ସଂଗଠନ ଦେଶର ପ୍ରତିଟି ଜିଲ୍ଲାରେ ବାସ କରୁଥିବା ପ୍ରତ୍ୟେକ ହିତାଧିକାରୀ, ଯେପରିକି ଭବିଷ୍ୟନିଧି ସଦସ୍ୟ, ପେନସନ୍‌ଗ୍ରହୀତା, ଶ୍ରମିକ ଓ ନିଯୁକ୍ତିଦାତାଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କୁ ତାଙ୍କର ଦ୍ୱାରଦେଶରେ ସୁବିଧା ପ୍ରଦାନ କରିବା।

ଶ୍ରୀଯୁକ୍ତ ଜୟକୁମାର, ପଶ୍ଚିମ ଓଡ଼ିଶା ସର୍କଲର କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ-୧, ରାଉରକେଲାସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟରୁ ଏହି ଅଖିଳ ଭାରତୀୟ ଜିଲ୍ଲାସ୍ତରୀୟ ନିଧି ଆପକେ ନିକଟ ୨.୦ କାର୍ଯ୍ୟକ୍ରମ ସମ୍ବନ୍ଧରେ ଜଣାଇବା ସଂଗେ ସଂଗେ ଏହାର ଶୁଭାରମ୍ଭ ୨୭.୦୧.୨୦୨୩ ପୂର୍ବାହ୍ନ ୧୦ ଘଟିକା ସମୟରେ କର୍ମଚାରୀ ଭବିଷ୍ୟନିଧି ସଂଗଠନର ମୁଖ୍ୟାଳୟ ନୂଆଦିଲ୍ଲୀରୁ କେନ୍ଦ୍ରୀୟ ଭବିଷ୍ୟନିଧି ଆୟୁକ୍ତ ଶ୍ରୀମତୀ ନୀଲମ ଶମୀ ରାଓ, ଭା.ପ୍ର.ସେ ଏବଂ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟର ସଚିବ ଶ୍ରୀମତୀ ଆରତୀ ଆହୁଜା, ଭା.ପ୍ର.ସେ. ଭିଡ଼ିଓ କନ୍‌ଫରେନସିଂ ମାଧ୍ୟମରେ ଉଦ୍‌ଘାଟିତ କରିଥିଲେ।

କ୍ଷେତ୍ରୀୟ କାର୍ଯ୍ୟାଳୟ ରାଉରକେଲା ଅନ୍ତର୍ଗତ ପାଞ୍ଚଟି ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଏବଂ ଦେବଗଡ଼ରେ ନିଯୁକ୍ତ ଜିଲ୍ଲା ନୋଡାଲ ଅଧିକାରୀ(DNO)ଙ୍କ ତତ୍ତ୍ୱାବଧାନରେ ଏହି ଜିଲ୍ଲାସ୍ତରୀୟ ଶିବିରମାନ ଜିଲ୍ଲା ପ୍ରଶାସନର ସମ୍ମେଳନ କକ୍ଷରେ ଆୟୋଜନ କରାଯାଇଥିଲା, ଯେଉଁଥିରେ ଭବିଷ୍ୟନିଧି ସଦସ୍ୟ, ପେନସନ୍‌ଗ୍ରହୀତା, ଶ୍ରମିକ ଓ ନିଯୁକ୍ତିଦାତାଙ୍କ ପ୍ରତିନିଧିମାନଙ୍କ ସମେତ ସ୍ଥାନୀୟ ବିଧାୟକ, ଭବିଷ୍ୟନିଧି କ୍ଷେତ୍ରୀୟ ସମିତିର ସଦସ୍ୟ, ଅତିରିକ୍ତ କେନ୍ଦ୍ରୀୟ ଆୟୁକ୍ତ, କ୍ଷେତ୍ରୀୟ ଆୟୁକ୍ତ, ସହକାରୀ ଆୟୁକ୍ତ ଆଦି ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଦେବଗଡ଼ର ମାନ୍ୟବର ବିଧାୟକ ଶ୍ରୀ ସୁବାସଚନ୍ଦ୍ର ପାଣିଗ୍ରାହୀଙ୍କ ସହ ସମ୍ବଲପୁର ଜିଲ୍ଲା କାର୍ଯ୍ୟାଳୟର ସହକାରୀ ଆୟୁକ୍ତ ଶ୍ରୀ ଅରବିନ୍ଦ ପ୍ରଧାନ ଦେବଗଡ଼ ଜିଲ୍ଲା ନିଧି ଆପକେ ନିକଟ ୨.୦ ଶିବିରରେ ଉପସ୍ଥିତ ଥିବାବେଳେ ସୁନ୍ଦରଗଡ଼ ଜିଲ୍ଲା ନିଧି ଆପକେ ନିକଟ ୨.୦ ଶିବିରରେ ସୁନ୍ଦରଗଡ଼ର ମାନ୍ୟବର ବିଧାୟିକା ଶ୍ରୀମତୀ କୁସୁମ ଟେଟେ, ଭବିଷ୍ୟନିଧି କ୍ଷେତ୍ରୀୟ ସମିତିର ସଦସ୍ୟ ଶ୍ରୀ ପି.କେ.ବେହେରା, ରାଉରକେଲା କାର୍ଯ୍ୟାଳୟର କ୍ଷେତ୍ରୀୟ ଆୟୁକ୍ତ ଶ୍ରୀ ଅଶ୍ୱିନୀ କୁମାର ବାରିକ ଯୋଗ ଦେଇଥିଲେ।

ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଏବଂ ଦେବଗଡ଼ ଜିଲ୍ଲାରେ ଆୟୋଜିତ ଏହା ନିଧି ଆପକେ ନିକଟ ୨.୦ ଶିବିରମାନଙ୍କରେ ଅଂଶଗ୍ରହଣକାରୀମାନେ ବିପୁଳ ସଂଖ୍ୟାରେ ଭାଗ ନେଇ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାବଳୀ ସମ୍ପର୍କରେ ନିଜ ନିଜର ବିଚାର ବିନିମୟ କରିବା ସହ ସେଗୁଡ଼ିକର ସୁଚାରୁ ସମାଧାନ କରାଯାଇଥିଲା । ଭବିଷ୍ୟନିଧି ସଂଗଠନର ଅଧିକାରୀ ଓ କର୍ମଚାରୀମାନେ ସେଣ୍ଟ୍ରାଲାଇଜ୍, ଡାଟାବେସ୍ ସହ ସମ୍ପୃକ୍ତ ରହି ମିଳିତ ଭାବରେ ନିଜର ଲାପଟପ୍ ଓ ମୋବାଇଲ୍ ସହାୟତାରେ ଅଭିଯୋଗଗୁଡ଼ିକର ପଞ୍ଜିକରଣ କରିବା ସହ ସେଗୁଡ଼ିକର ଯଥା ସମୟ ନିଦାନ ମଧ୍ୟ କରିଥିଲେ । ଯେହେତୁ ଏହି ନିଧି ଆପକେ ନିକଟ ୨.୦ କାର୍ଯ୍ୟକ୍ରମ ଏବେ ପ୍ରତ୍ୟେକ ମାସର ୨୭ ତାରିଖ ଦିନ ଆୟୋଜିତ କରିବା ପାଇଁ ସ୍ଥିରୀକୃତ ହୋଇଛି ଏବଂ ୨୭ ତାରିଖଟି ଛୁଟିଦିନ ପଡ଼ିଲେ କାର୍ଯ୍ୟକ୍ରମ ପରବର୍ତ୍ତୀ କାର୍ଯ୍ୟ ଦିବସରେ ଅନୁଷ୍ଠିତ ହେବ । ତେଣୁ ଯେଉଁ ହିତାଧିକାରୀମାନେ ଏହି ମାସର ନିଧି ଆପକେ ନିକଟ ୨.୦ ଶିବିର କାର୍ଯ୍ୟକ୍ରମରେ ଭାଗ ନେଇ ପାରିନାହାନ୍ତି, ସେମାନେ ପରବର୍ତ୍ତୀ ମାସମାନଙ୍କରେ ନିଜ ଜିଲ୍ଲାରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ । ପରବର୍ତ୍ତୀ ମାସମାନଙ୍କରେ ନିଧି ଆପକେ ନିକଟ୍ ୨.୦ର କାର୍ଯ୍ୟକ୍ରମ ତହସିଲ ଓ ତାଲୁକ୍ ସ୍ତରରେ ଶିଳ୍ପାଞ୍ଚଳ ତଥା ଶ୍ରମିକବସତି ପରିଆଭ୍ୟନ୍ତରୀଣ ଅଞ୍ଚଳମାନଙ୍କରେ ମଧ୍ୟ ଆୟୋଜିତ କରାଯିବାର ଯୋଜନା ରହିଛି।

କର୍ମଚାରୀ ଭବିଷ୍ୟନିଧି ସଂଗଠନର ଏହି ଜିଲ୍ଲା ସଚେତନତା ଏବଂ ସନ୍ନିକଟତା କାର୍ଯ୍ୟକ୍ରମ ନିଧି ଆପକେ ନିକଟ ୨.୦ ଭବିଷ୍ୟନିଧି ସଦସ୍ୟ, ପେନସନ୍‌ଗ୍ରହୀତା, ଶ୍ରମିକ ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ଆଶାବାଦ ସଂଚାର କରିପାରିଛି । କାରଣ ବହୁବର୍ଷ ପରେ କେନ୍ଦ୍ର ସରକାରଙ୍କର ଏକ ସଂଗଠନ ତା'ର ପ୍ରତିଟି ହିତାଧିକାରୀଙ୍କ ଦ୍ୱାରଦେଶରେ ପହଞ୍ଚି ସୁବିଧା ପ୍ରଦାନ କରିପାରିବାର ଠୋସ୍ ପଦକ୍ଷେପ ଗ୍ରହଣ କରିଛି, ଯାହା ଏବେ ପ୍ରତି ମାସରେ ଜାରି ରହିବ ଏବଂ ହିତାଧିକାରୀମାନେ ସେମାନଙ୍କ ନିଜ ଜିଲ୍ଲାରେ ହିଁ ନିଜର ସମସ୍ୟାଗୁଡ଼ିକ ସମାଧାନ କରିବା ସହ ଆବଶ୍ୟକ ସୂଚନା ମଧ୍ୟ ଅଦ୍ୟତନ କରିପାରିବେ।

(ଅଂଶଗ୍ରହଣକାରୀଙ୍କ ଫିଡ୍‌ବ୍ୟାକ୍‌ର ବାଇଟସ୍ ତଥା କାର୍ଯ୍ୟକ୍ରମର କିଛି ରେକର୍ଡିଂ ସହିତ ବିଭିନ୍ନ ଜିଲ୍ଲାର ମୁଖ୍ୟାଳୟରୁ ପ୍ରାପ୍ତ ନିଧି ଆପକେ ନିକଟ ୨.୦ର କାର୍ଯ୍ୟକ୍ରମର କ୍ଲିପେଟ୍ ସଂଲଗ୍ନ।)

ହ/-
କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ-୧
କ୍ଷେତ୍ରୀୟ କାର୍ଯ୍ୟାଳୟ, ରାଉରକେଲା

## କିନ୍ନର ସଂଘର କଳସ ଶୋଭାଯାତ୍ରା

ଟିଟିଲାଗଡ,(ଡି.ଏନ.ଏ.): ଟିଟିଲାଗଡ ଘଣ୍ଟାଶୁଣୀ କିନ୍ନର ସଂଘରେ ୪ଜଣ ନୂଆ ସଦସ୍ୟ ଯୋଗଦେବା ପରିପ୍ରେକ୍ଷୀରେ ଶନିବାର କିନ୍ନରମାନେ ସହରରେ କଳସ ଯାତ୍ରା କରିଥିଲେ। ଏଥିରେ ଛତିଶଗଡ଼ରୁ କିନ୍ନରଙ୍କ ଗୁରୁ ନଗିନା ନାଏକ ଯୋଗଦେଇଥିଲେ। ସ୍ଥାନୀୟ କିନ୍ନର ସଂଘ ମୁଖ୍ୟ ମଧୁ ନାଏକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଦୁଇଦିନ ଧରି ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

# ପ୍ରେମିକ ସହ ଶାଶୁଙ୍କୁ ମାରି ପୋଡ଼ିଥିଲେ ବୋହୂ

ସଇଁତଳା, ୨୮।୧ (ଡି.ଏନ.ଏ.)


ଅଭିଯୁକ୍ତ ଡ଼େମୋ ଦେଖାଉଛନ୍ତି ।


ଅଭିଯୁକ୍ତ ଡୁଲେଶ୍ୱର


ଅଭିଯୁକ୍ତ ନିରୁପମା।

**ଜଙ୍ଗଲରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ଘଟଣା**

- ହତ୍ୟା ପଛରେ ପରକ୍ରିୟା ପ୍ରୀତି
- ଡେମୋ ଦେଖାଇଲେ ଅଭିଯୁକ୍ତ

ବଲାଙ୍ଗୀର ଜିଲା ସଇଁତଳା ଥାନା ଠୁର୍ଲନିକାନୀ ଗ୍ରାମ୍ୟ ଜଙ୍ଗଲରୁ ଗତ ୨୫ ତାରିଖ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ହୋଇଥିଲା। ମୃତା ହେଲେ ରତନୀ ରଣା(୫୫)। ତାଙ୍କୁ ହତ୍ୟା କରିଥିଲେ ଖୋଦ୍ ତାଙ୍କ ବୋହୂ ନିରୁପମା ରଣା। ଏଥିରେ ସହାୟତା କରିଥିଲେ ତାଙ୍କ ପ୍ରେମିକ କୁହାଯାଉଥିବା ଡୁଲେଶ୍ୱର ଓରଫ ରୁନୁ ରଣା(୨୦)। ଶନିବାର ଅପରାହ୍ନରେ ଅଭିଯୁକ୍ତ ହତ୍ୟାକାଣ୍ଡର ଡେମୋ ଦେଖାଇଥିଲେ। ଉଭୟେ ମିଶି ରତନୀଙ୍କୁ ହତ୍ୟା କରିବା ପରେ ପୋଡି ଦେଇଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଉଭୟଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଟିଟିଲାଗଡ଼ ଜେଲ ହାଜତକୁ ପଠାଇ ଦିଆଯାଇଛି। ସଇଁତଳା ଥାନା ପରିସରରେ ଅପରାହ୍ନରେ ଆୟୋଜିତ ଖବରନାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ଟିଟିଲାଗଡ ଏସ୍‌ଡିପିଓ ଅଙ୍କିତା କୁମାର।

ଖବର ଅନୁସାରେ ଠୁର୍ଲନୀକାନୀ ଗ୍ରାମର ହରି ରଣାଙ୍କ ସ୍ତ୍ରୀ ନିରୁପମା(୩୦)ଙ୍କର ବିବାହର ଦୀର୍ଘବର୍ଷ ପରେ ମଧ କୌଣସି ସନ୍ତାନସନ୍ତତି ହୋଇ ନ ଥିଲା । ଏହାର ଉପଚାର କରିବା ପାଇଁ ଉଭୟ ସ୍ୱାମୀ ଓ ସ୍ତ୍ରୀ ଗୁଡଭେଲା ବ୍ଲକ ତାରାସୁଗୁଡା ଗ୍ରାମରେ ମା' ତାରିଣୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ଗୁଣିଗାରେଡି କରୁଥିବା ନେଇ ସମ୍ପର୍କୀୟ ଜଗନ୍ନାଥ ରଣାଙ୍କ ପରାମର୍ଶ ଲୋଡିଥିଲେ । ଏହି ସମୟରେ ଜଗନ୍ନାଥଙ୍କ ପୁଅ ଡୁଲେଶ୍ୱର ଓରଫ ରୁନଙ୍କ ସହ ନିରୂପମାଙ୍କର ସମ୍ପର୍କ ଗଢି ଉଠିଥିଲା । ଡୁଲେଶ୍ୱର ଅନେକ ସମୟରେ ଠୁର୍ଲନୀକାନୀ ଆସୁଥିଲେ। ତାଙ୍କ ଯିବା ଆସିବାକୁ ଶାଶୁ ରତନୀ ବାରଣ କରୁଥିଲେ। ରତନୀଙ୍କ ସ୍ୱାମୀ ରସିକ ବଲାଙ୍ଗୀର ଜାମଗାଁରେ ଜନୈକ ଠିକାଦାର ପାଖରେ କାମ କରୁଥିବାବେଳେ ପୁଅ ହରି ରଣା ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲି ଯାଇଥିଲେ। ଘରେ ଶାଶୁ ବୋହୂ ରହୁଥିଲେ । ବାଟରୁ ହଟାଇଦେବା ପାଇଁ ନିରୂପମା ସୁଯୋଗ ଖୋଜୁଥିଲେ। ଘଟଣା ଦିନ ରତନୀଙ୍କୁ ଜଙ୍ଗଲରୁ ପତ୍ର ଆଣିବା ପାଇଁ ଘଟଣା ଦିନ ପଠାଇ ଦେଇଥିଲେ । ପୂର୍ବ ଯୋଜନା ମୁତାବକ ସେଠାରେ ପ୍ରସ୍ତୁତ ହୋଇ ରହିଥିବା ଡୁଲେଶ୍ୱର ରତନୀଙ୍କୁ ପଛପଟୁ ଧକ୍କା ମାରି ତଳେ ପକାଇ ଦେଇଥିଲେ। ଏହା ପରେ ଏକ ଛୁରିରେ ତାଙ୍କ ଗଳାକୁ କାଟିହତ୍ୟା କରିଥିଲେ । ପରେ ନିରୂପମାଙ୍କ ସହ ମିଶି ସେଠାରେ ପୋଡି ଦେଇଥିବା ଡେମୋରେ ଦେଖାଇଥିଲେ। ଖବରଦାତା ସମ୍ମିଳନୀରେ ସଇଁତଳା ଥାନା ଅଧିକାରୀ ଅବନୀ ସାହୁ ଉପସ୍ଥିତ ଥିଲେ।

## ଗୁଳିମାଡ଼ରେ ଯୁବକ ଗୁରୁତର, ଅଭିଯୁକ୍ତ ଗିରଫ

ନୂଆପଡା ଅଫିସ,୨୮।୧

ନୂଆପଡା ଜିଲା କୋମନା ଥାନା ତରବୋଡ ଫାଣ୍ଡି ଅଧୀନ ଦର୍ଲିପଡା ଗାଁ ନିକଟରେ ଲଖନା ଥାନା ଡେଡେଙ୍ଗା ଗାଁର ମୂଳବାସିନ୍ଦା ତଥା ବର୍ତ୍ତମାନ ଡୁମେରପାଣି ଗାଁରେ ରହୁଥିବା ଯୁବକ ମଙ୍ଗଳ ଶଗରିଆ (୩୦)ଙ୍କୁ ଗୁଳିମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ତରବୋଡ ଡାକ୍ତରଖାନା ଏବଂ ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୋଲିସ ଦର୍ଲିପଡା ଗାଁର ହୃଷୀକେଶ ମାଝି (୨୩)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଗୋଟିଏ ବନ୍ଧୁକ ଜବତ ହୋଇଛି। ଏ ନେଇ କୋମନା ଥାନାରେ ଏକ ମାମଲା (ନଂ.୩୨/୨୩) ରୁଜୁ କରି ତଦନ୍ତ ଜାରି ରହିଛି ବୋଲି ଫାଣ୍ଡି ଅଧିକାରୀ ସହଦେବ ଯୋଶୀ ସୂଚନା ଦେଇଛନ୍ତି ।

ପୋଲିସ ସୂଚନା ଅନୁସାରେ, ଶନିବାର ଅପରାହ୍ନରେ ମଙ୍ଗଳ ଦୋକାନ ସାମଗ୍ରୀ ଆଣିବାକୁ ଏକ ବାଇକ୍ ଯୋଗେ ଡୁମେରପାଣିରୁ ଦର୍ଲିପଡା ଯାଉଥିଲେ। ଏହି ସମୟରେ ହୃଷୀକେଶ ରାସ୍ତାରେ ମଙ୍ଗଳଙ୍କୁ ଲିଫ୍ଟ ମାଗିବାରୁ ସେ ତାଙ୍କୁ ବାଇକ୍‌ରେ ବସାଇ ଦର୍ଲିପଡା ନେଇଥିଲେ। ଦର୍ଲିପଡା ପଦ୍ମପୁର ପଡାର ଏକ କିରାନା ଦୋକାନ ପାଖରେ ବାଇକ୍ ଅଟକାଇବା ପାଇଁ ହୃଷୀକେଶ କହିଥିଲେ। ତେବେ ଦୋକାନଠାରୁ ଅଳ୍ପ କିଛି ଦୂରରେ ବାଇକ୍ ଅଟକାଇବାରୁ ହୃଷୀ ରାଗିଯାଇ ମଙ୍ଗଳଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ମଙ୍ଗଳଙ୍କ ମୁଣ୍ଡରେ ଗୁଳିମାଡ଼ ହୋଇଥିଲା। ସ୍ଥାନୀୟ ଲୋକେ ମଙ୍ଗଳଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏକ ଆମ୍ବୁଲାନ୍ସରେଡାକ୍ତରଖାନାପଠାଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ବିଶ୍ୱରଞ୍ଜନ


@ ହୃଷୀକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସରପଞ୍ଚଙ୍କୁ ବାନ୍ଧିଲା ପୋଲିସ

ଡୁଙ୍ଗୁରପାଲି, ୨୮।୧(ଡି.ଏନ.ଏ.)

**ରେଲୱେ ଜମି ଅଧିଗ୍ରହଣ ଟଙ୍କା ଆତ୍ମସାତ୍ ଘଟଣା**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ସହଲା ପଞ୍ଚାୟତ ସରପଞ୍ଚ ପଟୁଆରୀ ପଧାନଙ୍କୁ ରେଲୱେ ଜମି ଅଧିଗ୍ରହଣ ବାବଦ ଟଙ୍କା ଆତ୍ମସାତ୍ ଅଭିଯୋଗରେ ପୋଲିସ ଗିରଫ କରିଛି। ଦଫା ୪୨୦, ୪୬୫, ୪୬୭, ୪୬୮, ୪୭୧ରେ ଏକ ମାମଲା(୧୩/୨୩) ରୁଜୁ କରି ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟନାରାୟଣ ପଧାନ କହିଛନ୍ତି। ସୂଚନା ଅନୁସାରେ ଡୁଙ୍ଗୁରିପାଲି ଆରଆଇ ସର୍କଲ ଅଧୀନ ସହଲା ମୌଜାରେ ରେଲ୍‌ୱ ଲାଇନ ପ୍ରସସ୍ତିକରଣ କାମ ହୋଇଥିଲା। ଏଥିରେ ସରପଞ୍ଚ ପଧାନ ପ୍ରଭାସିନୀ ସାହୁ, ଯୁଧିଷ୍ଠିର ସେଠ, ଉପେନ୍ଦ୍ର ମେହେରଙ୍କୁ ବିକ୍ରି କରିଥିବା ତାଙ୍କ ଜମିର କିଛିଅଂଶ ଅଧିଗ୍ରହଣ ହୋଇଥିଲା। ହେଲେ ବିକ୍ରି ଜମିର ଜାଲ ନକ୍ସା ଓ କାଗଜ ପତ୍ର ଦେଇ ସରପଞ୍ଚ ଅଧିଗ୍ରହଣ ବାବଦକୁ ୧୨ଲକ୍ଷ ଟଙ୍କା ରେଲ୍‌ୱେ ବିଭାଗ ପାଖରୁ ଉଠାଇ ନେଇଥିଲେ। ଏହା ଜାଣିବା ପରେ ସରପଞ୍ଚ ପଧାନଙ୍କ ନାମରେ ଉପରୋକ୍ତ ବ୍ୟକ୍ତିମାନେ ସମ୍ବଲପୁର ରେଲୱେ ଭୂମିଅଧିକରଣ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଏପରିକି ଡୁଙ୍ଗୁରିପାଲି ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ କ୍ଷତିଗ୍ରସ୍ତ ଜମିର ମାଲିକମାନେ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ମିଳି ନଥିଲା। ଜମିର ଜାଲ ନକ୍ସା ଓ କାଗଜ ପତ୍ର ଦେଇ ସରପଞ୍ଚ ପଟୁଆରୀ ଟଙ୍କା ନେଇଥିବା ରେଲୱେ ବିଭାଗ ଜାଣିବା ପରେ ସମ୍ବଲପୁର ରେଲୱେ ଭୂମି ଅଧିକରଣ ବିଭାଗ ସରପଞ୍ଚଙ୍କ ନାମରେ ଟଙ୍କା ଫେରସ୍ତ ନେଇ ଡୁଙ୍ଗୁରିପାଲି ଥାନାରେ ଅଭିଯୋଗ କରିଥିଲା। ହେଲେ ସେ ଟଙ୍କା ଫେରସ୍ତ କରି ନ ଥିଲେ। ଏହି ଘଟଣାରେ ପୋଲିସ ତାଙ୍କୁ ଗିରଫ କରିଛି।

## ଦୋକାନରୁ ଚୋରି ଘଟଣା: ୨ କୋର୍ଟଚାଲାଣ

କୁନାଗଡ଼,୨୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ସହର ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ଏକ ବାସନକୁସନ ଦୋକାନରୁ ଗତ ୨୫ ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଏ ନେଇ ଦୋକାନ ମାଲିକ ଗୋବିନ୍ଦ ସାହୁ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୯।୨୩) ରୁଜୁ କରିବା ସହ ତଦନ୍ତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ନୂଆପଡ଼ାର ଇନ୍ଦ୍ର କୁମାର ସାହୁ(୨୨) ଓ ଅକ୍ଷୟ ମାଝି(୨୪)। ଶନିବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ ସେମାନଙ୍କଠାରୁ ୧୧,୫୦୦ ଟଙ୍କା ଓ ଗୋଟିଏ ମୋପେଡ ଜବତ କରିଛି।

# ଟଣକାସାହି ସଂରକ୍ଷିତ ଜଙ୍ଗଲରେ ନିଆଁ

ଉଦଳା,୨୮।୧ (ଡି.ଏନ.ଏ)

**ଆୟତ୍ତ କରିବାକୁ ବନବିଭାଗ ନାକେଦମ୍**



ଶୀତ ନ ସରୁଣୁ ବିଭିନ୍ନ ଜଙ୍ଗଲରେ ଏବେ ନିଆଁ ଲାଗୁଥିବା ଦେଖିବାକୁ ମିଳୁଛି। ୬ ଦିନ ପୂର୍ବେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ତିନିକୋଶିଆ ଜଙ୍ଗଲରେ ନିଆଁ ଲାଗିଥିଲା। ବନବିଭାଗ ଏହାକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ଶନିବାର ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅଧୀନ ଟଣକାସାହି ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଯାଇଥିଲା। ନିଆଁର ପ୍ରକୋପ ଏତେ ତୀବ୍ର ଥିଲା ଯେ, ଜଙ୍ଗଲରେ ଥିବା ବଡ଼ ବଡ଼ ମୂଲ୍ୟବାନ ଶାଗୁଆନ ଗଛ, ବହୁ ଔଷଧୀୟ ଗୁଳ୍ମ ପୋଡ଼ିଯାଇଛି। ଜଙ୍ଗଲରେ ଶୁଖିଲାପତ୍ର ପଡ଼ିଥିବାରୁ ନିଆଁ ଚାରିଆଡକୁ ବ୍ୟାପିଯାଇଥିଲା। ବନବିଭାଗ ପହଞ୍ଚି ୩ ଘଣ୍ଟା ପରିଶ୍ରମ ପରେ ଆୟତ୍ତ କରିବାରେ ସକ୍ଷମ ହୋଇଛି। ଜଙ୍ଗଲ ଭିତରେ ପୂର୍ବରୁ ପଡ଼ିଥିବା ଶୁଖିଲା ପତ୍ରକୁ ଅଲଗା କରିବାରେ ବନବିଭାଗ ହେଳା କରିଥିବାରୁ ନିଆଁ ଲାଗିଥିବା ପରିବେଶବିତ୍ କହିଛନ୍ତି। ତେବେ ଜଙ୍ଗଲରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଆଶଙ୍କା କରାଯାଉଛି। ରେଞ୍ଜର ଅରୁଣ ବେହେରା କହିଛନ୍ତି, ଜଙ୍ଗଲରେ ନିଆଁ ଲଗିଥିବା ଖବର ପାଇ କର୍ମଚାରୀମାନେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଦୀର୍ଘ ସମୟ ପରିଶ୍ରମ ପରେ ନିଆଁକୁ ଆୟତ୍ତକୁ ଆଣିଥିଲେ। ଘଟଣା ଉପରେ ବନ ବିଭାଗ ନଜର ରଖିଥିବା ସେ କହିଥିଲେ।

# ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକ


କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

ବାଉଁଶୁଣୀ, ୨୮।୧(ଡି.ଏନ.ଏ.)

ବୌଦ୍ଧ ଜିଲା ଭାଜପାର ପଞ୍ଚମ ଜିଲା କାର୍ଯ୍ୟକାରିଣୀ ବୈଠକ ବାଉଁଶୁଣୀ ତୁଳସୀ କଲ୍ୟାଣ ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଥିଲା। ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଉପସଭାପତି ଅନିତା ଶୁଭଦର୍ଶନୀ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦାନ କରିଥିଲେ। ଜିଲା ସଭାପତି ମହାନ୍ତି ତାଙ୍କ ଅଭିଭାଷଣରେ ସମସ୍ତ କର୍ମକର୍ତ୍ତା, ମଣ୍ଡଳ ସଭାପତି, ମୋର୍ଚ୍ଚା ସଭାପତି, ଜିଲଶ ଏକଜିକ୍ୟୁଟିଭ ସଦସ୍ୟ ସଦସ୍ୟମାନେ ବୁଥ କମିଟି ଗଠନଠାରୁ ମଣ୍ଡଳ ପ୍ରବାସ, କମିଟି ଗଠନ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକାଭିମୁଖୀ ଯୋଜନା କିପରି ବୁଥସ୍ତରରେ ପହଞ୍ଚିବାର ତାହାର ବ୍ୟବସ୍ଥା କରିବା ପାଇଁ ଆହ୍ୱାନ କରିଥିଲେ ।

ରାଜ୍ୟ ବିଜେପି ଉପସଭାନେତ୍ରୀ ଶ୍ରୀମତୀ ଅନିତା ଶୁଭଦର୍ଷନି ପଟ୍ଟନାୟକ ସମାରୋହ ଅଭିଭାଷଣରେ ସମସ୍ତ ପ୍ରକାର କାର୍ଯ୍ୟକ୍ରମ ସୁସଂଗଠିତ ଭାବରେ କରିବା ସହିତ ଦଳର ନୀତି ଆଦର୍ଶ ସବୁ କୁ ତଳ ସ୍ତରରେ ସୁବ୍ୟବସ୍ଥିତ ଭାବରେ କିପରି ପହଞ୍ଚି ପାରିବ ସେଥି ପାଇଁ ସଂଗଠନ କୁ ମଜଭୁତ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ ।

ବୈଠକରେ ବରିଷ୍ଠ ନେତା ସଚ୍ଚିଦାନନ୍ଦ ଦଲାଲ, କହ୍ନାଇ ଚରଣ ଡାଙ୍ଗ, ସୁଶାନ୍ତ କୁମାର ପ୍ରଧାନ, ମାଗୁଣୀ ଗାଇଗୋରିଆ, ରାକେଶ ତ୍ରିପାଠୀ, ଶ୍ୟାମ ସୁନ୍ଦର ପୁରୋହିତ, ତାପସ କୁମାର ପଟ୍ଟନାୟକ, ପ୍ରେମାନନ୍ଦ ମିଶ୍ର, ସୁଶାନ୍ତ ବାଘ , ସତ୍ୟାନନ୍ଦ ପାଣ୍ଡେ, ବନମାଳୀ ରଣା ଅଟଳ କୁମାର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଗାଇଗୌରୀ ଆ, ରାଜୀବ ଦେହୁରୀ ବିଶି କେଶନ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ।

# ୩୧ରୁ ଆୟୁଷ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବଲାଙ୍ଗୀର ଅଫିସ, ୨୮।୧

ରାଜ୍ୟ ଆୟୁଷ ଡାକ୍ତର ସଂଘ ନିଷ୍ପତ୍ତି ଓ ନିର୍ଦ୍ଦେଶ କ୍ରମେ ବଲାଙ୍ଗୀର ଆୟୁଷ ଡାକ୍ତର ସଂଘର ଏକ ପ୍ରତିନିଧି ଦଳ ଜିଲାପାଳ ଏବଂ ସିଡିଏମଓଙ୍କୁ ସାକ୍ଷାତ୍ କରି ଆସନ୍ତା ୩୧ ତାରିଖରୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଜଣାଇଛନ୍ତି। ୨୦୦୭ ମସିହାରୁ ଠିକା କର୍ମଚାରୀ ଭାବେ କାମ କରୁଥିବା ଏହି ଡାକ୍ତରମାନେ ଓପିଡି/ଆଇପିଡି ବ୍ୟତୀତ ଇମରଜେନ୍ସି, ପ୍ରସୂତି ବିଭାଗ ଆଦି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ଆଇପିଏଚ୍‌ଏସ୍ ନର୍ମ ଅନୁଯାୟୀ ପ୍ରତି ପିଏଚସି/ସିଏଚସିରେ ଜଣେ ଆୟୁଷ ନିୟୋଜିତ ହେବାର ନିର୍ଦ୍ଦେଶ ରହିଛି। ଓଆରଭି ଆକ୍ଟ ଅନୁଯାୟୀ ବିଜ୍ଞାପନ ପ୍ରକାଶ ପାଇବା ସହ ଅର୍ଥ ବିଭାଗ ୧୪୮୫ ପଦକୁ ମଞ୍ଜୁରୀ ଦେଇସାରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟନିର୍ବାହୀ ଅଧିବେଶନରେ ଏମାନେ ନିୟମିତ ହେବା ଯୁକ୍ତିଯୁକ୍ତ ବୋଲି ନିଷ୍କର୍ଷ ବାହାରିଥିଲା। ୨୦୧୮ରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ ଡାକ୍ତରଙ୍କ ନିୟମିତିକରଣକୁ ଅଗ୍ରାଧିକାର ଦେଉଥିବାର ସୂଚନା ଦେଇଥିଲେ। କୋଭିଡ ମହାମାରୀ ସମୟରେ ଆୟୁଷ ଡାକ୍ତର ମାନେ ଆଗଧାଡିର ଯୋଦ୍ଧା ଭାବେ ଅନେକ ଉଚ୍ଚ ପ୍ରଶଂସିତ ହୋଇଥିଲେ। ଏତେ ସବୁ ସତ୍ତ୍ୱେ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ଜିଲାପାଳ ଚଞ୍ଚଳ ରାଣା ଏବଂ ସିଡିଏମ୍‌ଓ ଡା ପ୍ରଦୀପ୍ତ ଗୁରୁଙ୍କୁ ଆୟୁଷ ଡାକ୍ତରମାନେ ଦାବିପତ୍ର ଦେଇଛନ୍ତି।


## କର୍ମଚାରୀ ଭବିଷ୍ୟନିଧି ସଂଗଠନ

(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )

**EMPLOYEES' PROVIDENT FUND ORGANISATION**

(MINISTRY OF LABOUR & EMPLOYMENT , GOVT. OF INDIA)

ଆଞ୍ଚଳିକ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼
Regional Office, Bhavishyanidhi Bhawan, Panposh Road, Roukela - 769012, E - mail : ro.rourkela@epfindia.gov.in

**ପ୍ରେସ୍ ବିଜ୍ଞପ୍ତି**

ନିଧି ଆପ୍‌କେ ନିକଟ୍-୨.୦ ଶୃଙ୍ଖଳା ଅନ୍ତର୍ଗତ ଭବିଷ୍ୟନିଧି ସଂଗଠନର ଏହି ମହତ୍ୱାକାଂକ୍ଷୀ ଓ ଯୋଜନାବଦ୍ଧ **'ଜିଲ୍ଲା ସଚେତନତା ଏବଂ ସନ୍ନିକଟତା କାର୍ଯ୍ୟକ୍ରମ'** ସର୍ବଭାରତୀୟ ସ୍ତରରେ ଦେଶର ସମସ୍ତ ଜିଲ୍ଲା ସହ ରାଉରକେଲା ଭବିଷ୍ୟନିଧି କାର୍ଯ୍ୟାଳୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ପାଞ୍ଚଟି ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଏବଂ ଦେବଗଡ଼ରେ ୨୭.୦୧.୨୦୨୩ ତାରିଖ ଶୁକ୍ରବାର ଦିନ ଆରମ୍ଭ ହୋଇଛି । ଏହି ବିଶାଳ ସଚେତନତା ଏବଂ ସନ୍ନିକଟତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି, ବିଶ୍ୱର ସର୍ବବୃହତ୍ ସାମାଜିକ ସୁରକ୍ଷାର ମାନ୍ୟତା ବହନ କରୁଥିବା କର୍ମଚାରୀ ଭବିଷ୍ୟନିଧି ସଂଗଠନ ଦେଶର ପ୍ରତିଟି ଜିଲ୍ଲାରେ ବାସ କରୁଥିବା ପ୍ରତ୍ୟେକ ହିତାଧିକାରୀ, ଯେପରିକି ଭବିଷ୍ୟନିଧି ସଦସ୍ୟ, ପେନସନ୍‌ଗ୍ରହୀତା, ଶ୍ରମିକ ଓ ନିଯୁକ୍ତିଦାତାଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କୁ ତାଙ୍କର ଦ୍ୱାର ଦେଶରେ ସୁବିଧା ପ୍ରଦାନ କରିବା।

ଶ୍ରୀଯୁକ୍ତ ଜୟକୁମାର, ପଶ୍ଚିମ ଓଡ଼ିଶା ସର୍କଲର କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ-୧ , ରାଉରକେଲାସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟରୁ ଏହି ଅଖିଳ ଭାରତୀୟ ଜିଲ୍ଲାସ୍ତରୀୟ ନିଧି ଆପ୍‌କେ ନିକଟ ୨.୦ କାର୍ଯ୍ୟକ୍ରମ ସମ୍ବନ୍ଧରେ ଜଣାଇବା ସଂଗେ ସଂଗେ ଏହାର ଶୁଭାରମ୍ଭ ୨୭.୦୧.୨୦୨୩ ପୂର୍ବାହ୍ନ ୧୦ ଘଟିକା ସମୟରେ କର୍ମଚାରୀ ଭବିଷ୍ୟନିଧି ସଂଗଠନର ମୁଖ୍ୟାଳୟ ନୂଆଦିଲ୍ଲୀରୁ କେନ୍ଦ୍ରୀୟ ଭବିଷ୍ୟନିଧି ଆୟୁକ୍ତ ଶ୍ରୀମତୀ ନୀଲମ ଶମୀ ରାଓ, ଭା.ପ୍ର.ସେ ଏବଂ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟର ସଚିବ ଶ୍ରୀମତୀ ଆରତୀ ଆହୁଜା, ଭା.ପ୍ର.ସେ. ଭିଡ଼ିଓ କନ୍‌ଫରେନସିଂ ମାଧ୍ୟମରେ ଉଦ୍‌ଘାଟିତ କରିଥିଲେ।

କ୍ଷେତ୍ରୀୟ କାର୍ଯ୍ୟାଳୟ ରାଉରକେଲା ଅନ୍ତର୍ଗତ ପାଞ୍ଚଟି ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଏବଂ ଦେବଗଡ଼ରେ ନିଯୁକ୍ତ ଜିଲ୍ଲା ନୋଡାଲ ଅଧିକାରୀ(DNO)ଙ୍କ ତତ୍ତ୍ୱାବଧାନରେ ଏହି ଜିଲ୍ଲାସ୍ତରୀୟ ଶିବିରମାନ ଜିଲ୍ଲା ପ୍ରଶାସନର ସମ୍ମେଳନ କକ୍ଷରେ ଆୟୋଜନ କରାଯାଇଥିଲା, ଯେଉଁଥିରେ ଭବିଷ୍ୟନିଧି ସଦସ୍ୟ, ପେନସନ୍‌ଗ୍ରହୀତା, ଶ୍ରମିକ ଓ ନିଯୁକ୍ତିଦାତାଙ୍କ ପ୍ରତିନିଧିମାନଙ୍କ ସମେତ ସ୍ଥାନୀୟ ବିଧାୟକ, ଭବିଷ୍ୟନିଧି କ୍ଷେତ୍ରୀୟ ସମିତିର ସଦସ୍ୟ, ଅତିରିକ୍ତ କେନ୍ଦ୍ରୀୟ ଆୟୁକ୍ତ, କ୍ଷେତ୍ରୀୟ ଆୟୁକ୍ତ, ସହକାରୀ ଆୟୁକ୍ତ ଆଦି ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଦେବଗଡ଼ର ମାନ୍ୟବର ବିଧାୟକ ଶ୍ରୀ ସୁବାସଚନ୍ଦ୍ର ପାଣିଗ୍ରାହୀଙ୍କ ସହ ସମ୍ବଲପୁର ଜିଲ୍ଲା କାର୍ଯ୍ୟାଳୟର ସହକାରୀ ଆୟୁକ୍ତ ଶ୍ରୀ ଅରବିନ୍ଦ ପ୍ରଧାନ ଦେବଗଡ଼ ଜିଲ୍ଲା ନିଧି ଆପ୍‌କେ ନିକଟ ୨.୦ ଶିବିରରେ ଉପସ୍ଥିତ ଥିବାବେଳେ ସୁନ୍ଦରଗଡ଼ ଜିଲ୍ଲା ନିଧି ଆପ୍‌କେ ନିକଟ ୨.୦ ଶିବିରରେ ସୁନ୍ଦରଗଡ଼ର ମାନ୍ୟବର ବିଧାୟିକା ଶ୍ରୀମତୀ କୁସୁମ ଟେଟେ, ଭବିଷ୍ୟନିଧି କ୍ଷେତ୍ରୀୟ ସମିତିର ସଦସ୍ୟ ଶ୍ରୀ ପି.କେ.ବେହେରା, ରାଉରକେଲା କାର୍ଯ୍ୟାଳୟର କ୍ଷେତ୍ରୀୟ ଆୟୁକ୍ତ ଶ୍ରୀ ଅଶ୍ୱିନୀ କୁମାର ବାରିକ ଯୋଗ ଦେଇଥିଲେ।

ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଏବଂ ଦେବଗଡ଼ ଜିଲ୍ଲାରେ ଆୟୋଜିତ ଏହା ନିଧି ଆପ୍‌କେ ନିକଟ ୨.୦ ଶିବିରମାନଙ୍କରେ ଅଂଶଗ୍ରହଣକାରୀମାନେ ବିପୁଳ ସଂଖ୍ୟାରେ ଭାଗ ନେଇ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାବଳୀ ସମ୍ପର୍କରେ ନିଜ ନିଜର ବିଚାର ବିନିମୟ କରିବା ସହ ସେଗୁଡ଼ିକର ସୁଚାରୁ ସମାଧାନ କରାଯାଇଥିଲା । ଭବିଷ୍ୟନିଧି ସଂଗଠନର ଅଧିକାରୀ ଓ କର୍ମଚାରୀମାନେ ସେଣ୍ଟ୍ରାଲାଇଜ୍, ଡାଟାବେସ୍ ସହ ସମ୍ପୃକ୍ତ ରହି ମିଳିତ ଭାବରେ ନିଜର ଲାପଟପ୍ ଓ ମୋବାଇଲ୍ ସହାୟତାରେ ଅଭିଯୋଗଗୁଡ଼ିକର ପଞ୍ଜିକରଣ କରିବା ସହ ସେଗୁଡ଼ିକର ଯଥା ସମୟ ନିଦାନ ମଧ କରିଥିଲେ । ଯେହେତୁ ଏହି ନିଧି ଆପ୍‌କେ ନିକଟ ୨.୦ କାର୍ଯ୍ୟକ୍ରମ ଏବେ ପ୍ରତ୍ୟେକ ମାସର ୨୭ ତାରିଖ ଦିନ ଆୟୋଜିତ କରିବା ପାଇଁ ସ୍ଥିରୀକୃତ ହୋଇଛି ଏବଂ ୨୭ ତାରିଖଟି ଛୁଟିଦିନ ପଡ଼ିଲେ କାର୍ଯ୍ୟକ୍ରମ ପରବର୍ତ୍ତୀ କାର୍ଯ୍ୟ ଦିବସରେ ଅନୁଷ୍ଠିତ ହେବ । ତେଣୁ ଯେଉଁ ହିତାଧିକାରୀମାନେ ଏହି ମାସର ନିଧି ଆପ୍‌କେ ନିକଟ ୨.୦ ଶିବିର କାର୍ଯ୍ୟକ୍ରମରେ ଭାଗ ନେଇ ପାରିନାହାନ୍ତି, ସେମାନେ ପରବର୍ତ୍ତୀ ମାସମାନଙ୍କରେ ନିଜ ଜିଲ୍ଲାରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ । ପରବର୍ତ୍ତୀ ମାସମାନଙ୍କରେ ନିଧି ଆପ୍‌କେ ନିକଟ୍ ୨.୦ର କାର୍ଯ୍ୟକ୍ରମ ତହସିଲ ଓ ତାଲୁକ୍ ସ୍ତରରେ ଶିଳ୍ପାଞ୍ଚଳ ତଥା ଶ୍ରମିକବସତି ପରି ଆଭ୍ୟନ୍ତରୀଣ ଅଞ୍ଚଳମାନଙ୍କରେ ମଧ ଆୟୋଜିତ କରାଯିବାର ଯୋଜନା ରହିଛି।

କର୍ମଚାରୀ ଭବିଷ୍ୟନିଧି ସଂଗଠନର ଏହି ଜିଲ୍ଲା ସଚେତନତା ଏବଂ ସନ୍ନିକଟତା କାର୍ଯ୍ୟକ୍ରମ ନିଧି ଆପ୍‌କେ ନିକଟ ୨.୦ ଭବିଷ୍ୟନିଧି ସଦସ୍ୟ, ପେନସନଗ୍ରହୀତା, ଶ୍ରମିକ ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ଆଶାବାଦ ସଂଚାର କରିପାରିଛି । କାରଣ ବହୁବର୍ଷ ପରେ କେନ୍ଦ୍ର ସରକାରଙ୍କର ଏକ ସଂଗଠନ ତା'ର ପ୍ରତିଟି ହିତାଧିକାରୀଙ୍କ ଦ୍ୱାରଦେଶରେ ପହଞ୍ଚି ସୁବିଧା ପ୍ରଦାନ କରିପାରିବାର ଠୋସ୍ ପଦକ୍ଷେପ ଗ୍ରହଣ କରିଛି, ଯାହା ଏବେ ପ୍ରତି ମାସରେ ଜାରି ରହିବ ଏବଂ ହିତାଧିକାରୀମାନେ ସେମାନଙ୍କ ନିଜ ଜିଲ୍ଲାରେ ହିଁ ନିଜର ସମସ୍ୟାଗୁଡ଼ିକ ସମାଧାନ କରିବା ସହ ଆବଶ୍ୟକ ସୂଚନା ମଧ ଅଦ୍ୟତନ କରିପାରିବେ।

(ଅଂଶଗ୍ରହଣକାରୀଙ୍କ ଫିଡ୍‌ବ୍ୟାକ୍‌ର ବାଇଟସ୍ ତଥା କାର୍ଯ୍ୟକ୍ରମର କିଛି ରେକର୍ଡ଼ିଂ ସହିତ ବିଭିନ୍ନ ଜିଲ୍ଲାର ମୁଖ୍ୟାଳୟରୁ ପ୍ରାପ୍ତ ନିଧି ଆପ୍‌କେ ନିକଟ ୨.୦ର କାର୍ଯ୍ୟକ୍ରମର ସ୍ନିପେଟ୍ ସଂଲଗ୍ନ।)

ହ/-
କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ-୧
କ୍ଷେତ୍ରୀୟ କାର୍ଯ୍ୟାଳୟ, ରାଉରକେଲା


# ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ


କ୍ରୀଡ଼ା ଉତ୍ସବରେ ଭାଗ ନେଇଥିବା ଛାତ୍ର।

ପଦ୍ମପୁର,୨୮।୧ (ଡି.ଏନ.ଏ.)

ପଦ୍ମପୁର ଆର୍. ବି. ହାଇସ୍କୁଲ ପଡିଆରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୮ତମ ବାର୍ଷିକ କ୍ରୀଡ଼ା ସମାରୋହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସମ୍ପାଦକ ଜନକଲାଲ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ଶାରୀରିକ ବ୍ୟାୟାମର ଆବଶ୍ୟକତା ଉପରେ ମାର୍ଗଦର୍ଶନ କରିଥିଲେ। ପ୍ରାରମ୍ଭରେ ସ୍ଥାନୀୟ କାଳୀ ମନ୍ଦିରରୁ ଜ୍ୟୋତି ଆଣି କ୍ରୀଡ଼ା ପ୍ରତିଯୋଗିତା ସ୍ଥଳରେ ସ୍ଥାପନା କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ବୌଦ୍ଧରେ ମହାନଦୀ ଆଳତି

ବୌଦ୍ଧ,୨୮।୧(ସ୍ୱ.ପ୍ର.)



ବୌଦ୍ଧରେ ନୂତନ ପରମ୍ପରା ମହାନଦୀ ଆଳତି ଆରମ୍ଭ ହୋଇଛି। ଜିଲା ବ୍ରାହ୍ମଣ ସମାଜ ନେତୃତ୍ୱରେ ବିଭିନ୍ନ ସଂଗଠନକୁ ନେଇ ବୈଠକ ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୌଦ୍ଧ ଏନ୍‌ଏସି ସହାୟତାରେ ବିଭିନ୍ନ ସାମାଜିକ କାର୍ଯ୍ୟକର୍ତ୍ତା ସାମିଲ ହୋଇ ମହାନଦୀର ଚନ୍ଦ୍ରଚୂଡ ମନ୍ଦିର ଘାଟଠାରେ ଆଳତି ପାଇଁ ସଫେଇ କରିଥିଲେ। ମାଘ ସପ୍ତମୀ ପବିତ୍ର ଦିବସରେ ପ୍ରସ୍ତୁତି କରାଯାଇ ବ୍ରାହ୍ମଣ ସମାଜ ଓ ପଣ୍ଡିତ ମଣ୍ଡଳୀ ଦ୍ୱାରା ସୂର୍ଯ୍ୟ ପୂଜା କରାଯାଇଥିଲା। ଏଥିରେ କର୍ତ୍ତା ଭାବରେ ସୂର୍ଯ୍ୟେନ୍ଦ୍ର ଶତପଥୀ ଓ ତାଙ୍କର ସ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ଧ୍ୟାରେ ଶହ ଶହ ସଂଖ୍ୟାରେ ମହିଳା ଓ ପୁରୁଷ ସାମିଲ ହୋଇ ମହାନଦୀ ଆଳତି କରିଥିଲେ। ବ୍ରାହ୍ମଣ ସମାଜର ସଭାପତି ଗୁରୁପ୍ରସାଦ ଦାଶ ଓ ସମ୍ପାଦକ ଦେବାଶିଷ ପୁରୋହିତଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

# ଉଜ୍ଜଳପୁରରେ କେନ୍ଦୁପତ୍ର ଶ୍ରମିକ ସମାବେଶ

ସୁନ୍ଦରଗଡ଼,୨୮।୧(ଡି.ଏନ୍.ଏ)

ନିଖିଳ ଓଡ଼ିଶା କେନ୍ଦୁପତ୍ର ଶ୍ରମିକମାନଙ୍କର ଏକ ସମାବେଶ ଶନିବାର ଉଜ୍ଜଳପୁର ସାପ୍ତାହିକ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ରାଉରକେଲା ଡିଭିଜନ ସଭାପତି ସୁନୀଲ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ କୁମାର ଦାଶ ଯୋଗଦେଇ କେନ୍ଦ୍ର ସରକାର କେନ୍ଦୁପତ୍ର ଉପରେ ଲଗାଇଥିବା ଜିଏସ୍‌ଟିକୁ ନିନ୍ଦା କରିଥିଲେ। ରାଜ୍ୟ ସରକାର କେନ୍ଦୁପତ୍ରରୁ କୋଟିକୋଟି ଟଙ୍କା ଲାଭ ପାଉଥିଲେ ମଧ୍ୟ କେନ୍ଦୁପତ୍ର ଟଙ୍କା ମୂଲ୍ୟ ବୃଦ୍ଧି ନ କରିବା ଅତି ନିନ୍ଦନୀୟ ବୋଲି ଦାଶ କହିଥିଲେ। ବାରମ୍ବାର ଦାବି ସତ୍ତ୍ୱେ ଅଦ୍ୟାବଧି ରାଜ୍ୟ ସରକାର କେନ୍ଦୁପତ୍ର ତୋଳାଳିମାନଙ୍କୁ ଶିଳ୍ପ ଶ୍ରମିକ ମାନ୍ୟତା ନ ଦେଉ ଥିବାରୁ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ କରିବାକୁ ଦାଶ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସିପିଆଇ ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି ଯୋଗଦେଇ ତୋଳାଳିମାନେ ତାଙ୍କର ପ୍ରାପ୍ୟ ତଥା ଆନୁସାଙ୍ଗିକ ସୁବିଧା ଠିକ୍ ସମୟରେ ପାଉ ନ ଥିବା ଓ ଏଥିପାଇଁ ରାଜ୍ୟ ସରକାରଙ୍କୁ ସେ ତୀବ୍ର ସମାଲୋଚନା କରିଥିଲେ। ସିପିଆଇ ରାଜ୍ୟ ପରିଷଦ ସଭ୍ୟ ତଥା ବିସ୍ଥାପନ ଓ ପ୍ରଦୂଷଣ ବିରୋଧୀ ନେତା ରାଜେନ୍ଦ୍ର ନାଏକ ଯୋଗଦେଇ ତୋଳାଳିମାନେ କିପରି


କେନ୍ଦୁପତ୍ର ଶ୍ରମିକଙ୍କ ସମାବେଶରେ ଜଣେ ବକ୍ତା ଉଦ୍‌ବୋଧନ ଦେଉଛନ୍ତି।

### ଶିଳ୍ପ ଶ୍ରମିକ ମାନ୍ୟତା ସାଙ୍ଗକୁ ପିଏଫ୍ ଓ ପେନସନ୍ ଦାବି

ପ୍ରତିକୂଳ ପରିସ୍ଥିତିରେ କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି ସେ ସମ୍ପର୍କରେ ଆଲୋଚନା କରି ସେମାନେ କିଭଳି ଶୋଷଣର ଶିକାର ହୋଇଥାଆନ୍ତି କହିଥିଲେ। ସେ ଏନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ ସନ୍ତୋଷ କୁମାର ଆଚାର୍ଯ୍ୟ, ଦେବାନନ୍ଦ ବାଦଲ, ରମେଶ ମେହେର,ରାଧେଶ୍ୟାମ ଗର୍ଡିଆ,ପୁଷ୍ପା ସା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନିଖିଳ ଓଡିଶା କେନ୍ଦୁପତ୍ର ଶ୍ରମିକ ସଂଘକୁ ଆହୁରି ବ୍ୟାପକ କରିବା ପାଇଁ ଏକ କୋର୍ କମିଟି ଗଠନ କରାଯାଇଥିଲା। ଶେଷରେ ବ୍ରହ୍ମା କିଶାନ ଧନ୍ୟବାଦ ଦେଇଥିଲେ।

## ଲୋକନାଥ ମନ୍ଦିରରେ ଅଷ୍ଟମ ପ୍ରହର ନାମଯଜ୍ଞ

କୁଆଁରମୁଣ୍ଡା,୨୮।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ୧୪୩ ନଂ. ରାଜପଥ ପାର୍ଶ୍ୱସ୍ଥ ବ୍ୟାଙ୍କ ଅଫ ଇଣ୍ଡିଆ ଛକ ନିକଟରେ ଥିବା ଲୋକନାଥ ମନ୍ଦିରରେ ଅଷ୍ଟମ ପ୍ରହର ନାମଯଜ୍ଞ ଶନିବାର ସକାଳ ୮ଟାରୁ ଆରମ୍ଭ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ମାଘ ସପ୍ତମୀ ଉପଲକ୍ଷେ ଲୋକନାଥ ମନ୍ଦିରରେ ଶ୍ରଦ୍ଧାଳୁମାନେ ଅଷ୍ଟମ ପ୍ରହରୀ ନାମଯଜ୍ଞ ଆୟୋଜନ କରିଥାନ୍ତି। ମନ୍ଦିର ଟ୍ରଷ୍ଟ ପକ୍ଷରୁ ରାଜୁ ତିୱାରୀ, ସରୋଜ ମହାନ୍ତି, ଶଙ୍କର ପୂଝାରୀ, କୃଷ୍ଣ ମହାନ୍ତି, ଘନଶ୍ୟାମ ଦେବତା, ଅଞ୍ଜୟ ସାହୁ, ବାଲକିଶନ ଅଗ୍ରୱାଲ, ସନାତନ ସିଂ, ହଳପାଣି ମାଝି, ସୁରେଶ ଅଗ୍ରୱାଲ, ଈଶ୍ୱର ପାଲ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରୁ ୭ଟି କୀର୍ତ୍ତନ ମଣ୍ଡଳୀ ଉକ୍ତ ନାମ ସଙ୍କୀର୍ତ୍ତନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ବିଶ୍ୱରଞ୍ଜନ


@ ହୃଷିକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ସୁନ୍ଦରଗଡ କେନ୍ଦ୍ରୀୟ ବିଦ୍ୟାଳୟରେ ପରୀକ୍ଷା ପାଇଁ ଚର୍ଚ୍ଚା

**ସୁନ୍ଦରଗଡ,୨୮।୧(ଡି.ଏନ.ଏ.):** ସୁନ୍ଦରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ "ପରୀକ୍ଷା ପାଇଁ ଚର୍ଚ୍ଚା'' କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ।ସକାଳ ୧୧ଟାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଏହି ବିଦ୍ୟାଳୟର କିଛିଛାତ୍ରୀ ଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ଆଭାସୀ ମାଧମରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ତରଫରୁ ସ୍ୱତନ୍ତ୍ର ଏଲସିଡି ବ୍ୟବସ୍ଥା ହୋଇଥିଲା। ପରୀକ୍ଷା ଚାପର ମୁକାବିଲା ପାଇଁ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ପାଇଁ ବେଶ ଉପଯୋଗୀ ହୋଇଥିଲା। ବିଦ୍ୟାଳୟର ଅଧକ୍ଷ ଡ.କେ.ଏସ. ପ୍ରକାଶ ରାଓଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ

**ବଡ଼ଗାଁ, ୨୮।୧(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ଯୁକ୍ତ ୨ କଲେଜରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ସୁଶାନ୍ତ କୁମାର ଚୌଧୁରୀ ମୁଖ୍ୟ ଅତିଥି, ଖବରଦାତା ଅଶୋକ ଷଡଙ୍ଗୀ, ମାଷ୍ଟର ଟ୍ରେନର ମମତା ନାଏକ, ଅଶିପା ଡୁଙ୍ଗଡୁଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଚୌଧୁରୀ ବର୍ତ୍ତମାନ ସମୟରେ ଆତ୍ମରକ୍ଷା କୌଶଳର ପ୍ରାସଙ୍ଗିକତା ଓ ଆବଶ୍ୟକତା ଉପରେ ଆଲୋକପାତ କରି ଆବଶ୍ୟକ ସମୟରେ ଏହାର ସଦୁପଯୋଗ ବିଷୟରେ ଧାରଣା ଦେଇଥିଲେ। ଏହାସହ ଶୃଙ୍ଖଳିତ ସମାଜ ଗଠନ ଦିଗରେ ଛାତ୍ରୀଙ୍କ ଭୂମିକା ଉପରେ ସେ ଆଲୋଚନା ରଖିଥିଲେ। ବିଭାଗୀୟ ସଂଯୋଜକ ଅଧାପକ ନିରୋଜ ପଟେଲ ଆତ୍ମରକ୍ଷା କୌଶଳ ଅଭ୍ୟାସ କରି କାର୍ଯ୍ୟରେ ଲଗାଇଲେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସାଧିତ ହେବ ବୋଲି କହିଥିଲେ। ମାଷ୍ଟର ଟ୍ରେନର ମମତା ଓ ଅତିଥି ଷଡ଼ଙ୍ଗୀ ଛାତ୍ରୀମାନଙ୍କୁ ଦୈନନ୍ଦିନ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ।

## ଏନ୍‌ଟିପିସି ଡୁଲିଙ୍ଗା ପକ୍ଷରୁ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ

ସୁନ୍ଦରଗଡ଼,୨୮।୧(ଡି.ଏନ୍.ଏ)

ଏନଟିପିସି ଡୁଲଙ୍ଗା ପକ୍ଷରୁ ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଶନିବାର ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଟିପିସି ଡୁଲଙ୍ଗା ପ୍ରକଳ୍ପର ମୁଖ୍ୟ ନୀରଜ ଜୋଲୋଟା, ସୁନ୍ଦରଗଡ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ବେହେରା, ଜିଲା ପରିଷଦ ଅଧକ୍ଷ ଉପସ୍ଥିତ ରହି ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନରେ ଏନ୍‌ଟିପିସି ଡୁଲଙ୍ଗା ଲେଫ୍ରିପଡା ବ୍ଲକରେ ଥିବା ଯକ୍ଷ୍ମା ରୋଗୀମାନଙ୍କୁ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ସହ ଏକବର୍ଷ ପର୍ଯ୍ୟନ୍ତ ପୋଷଣ ସହାୟତା ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମ ସହ କଳାମେଘା ଆର୍‌ଏଣ୍ଡଆର କଲୋନୀରେ ୪ଟି ଗୋଷ୍ଠୀକେନ୍ଦ୍ରର ଗ୍ରାମସମିତିକୁ ଟେଷ୍ଟ ହାଉସ ସାମଗ୍ରୀ ବିତରଣର ଶୁଭାରମ୍ଭ କରାଯାଇଥିଲା। ଏହା ପରେ କଳାମେଘା ଆରଏଣ୍ଡଆର କଲୋନୀ ଅଧିବାସୀମାନଙ୍କୁ ଘରଡିହ ପଟ୍ଟା ବିତରଣ କରାଯାଇଥିଲା। ଏନ୍‌ଟିପିସି ଡୁଲଙ୍ଗା ପକ୍ଷରୁ ସାମାଜିକ ବିକାଶ ଦିଗରେ ଏଭଳି ପଦକ୍ଷେପକୁ ଗ୍ରାମବାସୀ ଓ ଜିଲା ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି।


ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ କରାଯାଉଛି।

## ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ

ବଡ଼ଗାଁ, ୨୮।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ଯୁକ୍ତ ୨ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଘାଟିତ ହୋଇଛି। କଲେଜ ଅଧକ୍ଷ ନବୀନ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କଲେଜର ଶିକ୍ଷା ଅଧାପିକା ରଞ୍ଜିତା ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କରିଷ୍ମା ସା ଓ ଲକ୍ଷ୍ମୀ ମହକୁଲ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ମୁକ୍ତା ଟୀଗା ଧନ୍ୟବାଦ ଦେଇଥିଲେ। ସମସ୍ତ ଅଧାପିକା ଅଧାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

## ସେନାବାହିନୀର ସୈନ୍ୟ, ମାତାପିତାଙ୍କୁ ସମ୍ମାନିତ



ରାଜଗାଙ୍ଗପୁର, ୨୭।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପଞ୍ଚାୟତର ଗର୍ଭଣା ପଞ୍ଚାୟତରେ ଗଣତନ୍ତ୍ର ଦିବସ ଉପଲକ୍ଷେ ଏକ ଭିନ୍ନ ଧରଣର ପର୍ବ ଅନୁଷ୍ଠିତ ହୋଇଥିଲା। ଗର୍ଭଣା ଖେଳ ପଡିଆଠାରେ ଭାରତୀୟ ସେନାବାହିନୀର ସୈନିକଙ୍କ ପାଇଁ ଉତ୍ସର୍ଗୀକୃତ ପଞ୍ଚଦିବସିୟ ନକ ଆଉଟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୩୨ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ କିଷାନ ବ୍ରଦର୍ସ ଓ ଡୁଡାଲଗା ମଧରେ ଅନୁଷ୍ଠିତ ହୋଇଥିଲା। ଡୁଡାଲଗା ଦଳ ବିଜୟୀ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ଥାନା ଅଧିକାରୀ ବିଭସ ପ୍ରଧାନ ସମ୍ମାନିତ ଅତିଥି ଭାବେ ରାଜଗାଙ୍ଗପୁର ଖ ଜିଲା ପରିଷଦ ସଦସ୍ୟା ଜ୍ୟୋତି କୁଜୁର, ସରପଞ୍ଚ କବିତା ମିଞ୍ଜ, ସମିତି ସଭ୍ୟ ଗଣେଶ କେରକେଟା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିବା ସହ ବିଜେତା ଓ ରନର୍ସ ଅପ ଦଳକୁ ସମ୍ମାନିତ କରିଥିଲେ। ଏହି ଖେଳ ମୁଖ୍ୟତଃ ସୈନିକମାନଙ୍କ ଉଦ୍ଦେଶ୍ୟରେ ହେଉଥିବାରୁ ଏହି ଅଞ୍ଚଳର ୬ ଜଣ ସୈନିକ ତଥା ଅନ୍ୟ ୧୮ଜଣ ସୈନିକଙ୍କ ପିତାମାତା (୩୬ ) ଜଣଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା ଓ ସମ୍ମାନିତ କରିଥିଲେ। ଏହି ଖେଳ କାର୍ଯ୍ୟକ୍ରମକୁ ଫ୍ରେଣ୍ଡ୍ସ କ୍ଲବ ଦ୍ୱାରା ଆୟୋଜିତ କରାଯାଇଥିଲା। କ୍ଲବର ସଭାପତି ଭୁରୁ ଖାଲଖୋ, ଉପସଭାପତି ସୁଜିତ ମିଞ୍ଜ, ସମ୍ପାଦକ ବିଷ୍ଣୁ ମିଞ୍ଜ ତଥା କ୍ଲବର କିଶୋର ଲାକ୍ରା, ବିଷ୍ଣୁ ଏକ୍କା, ଅମୂଲ୍ୟ ରତ୍ନ କେରକେଟା, ଅମିତ ଲାକ୍ରା, ପ୍ରତାପ ଲାକ୍ରା, ସୋନି ଲାକ୍ରା, ସୁମିତ ଲାକ୍ରା, ବିସାଲ ମିଞ୍ଜ, ସଞ୍ଜୟ ଲାକ୍ରା ପ୍ରମୁଖ ଙ୍କ ସହ ଅନ୍ୟ ମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ସିଆର୍‌ପିଏଫ୍ ପକ୍ଷରୁ ରୋଷେଇ ବାସନ ସାମଗ୍ରୀ ପ୍ରଦାନ

ଲହୁଣୀପଡ଼ା,୨୮।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା କେ. ବଲାଙ୍ଗସ୍ଥିତ ୧୯ ବାଟାଲିୟନ ସିଆର୍‌ପିଏଫ୍ ପକ୍ଷରୁ ଗରିବ ଅସହାୟମାନଙ୍କୁ ରୋଷେଇ ବାସନ ସାମଗ୍ରୀ ବଣ୍ଟନ କରାଯାଇଥିବା ଜଣାପଡିଛି। କେ. ବଲାଙ୍ଗ ଥାନା ପରିସରରେ ଥିବା ୧୯ ବାଟାଲିୟନ ସିଆର୍‌ପିଏଫ୍ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୦ ଘଟିକା ସମୟରେ ରୋଷେଇ ବାସନ ସାମଗ୍ରୀ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡେପୁଟି କମାଣ୍ଡାଣ୍ଟ ଅମିତ କୁମାର, କେ. ବଲାଙ୍ଗ ସରପଞ୍ଚ ସୁପ୍ରିୟା ମୁଣ୍ଡା, ଡା. ମନୋଜ କୁମାର ସିଂ, ରେଞ୍ଜର ଅଜୟ କୁମାର ଖେସ, ଫରେଷ୍ଟର ପ୍ରଫୁଲ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଏଥିରେ କେ. ବଲାଙ୍ଗ ଅଞ୍ଚଳର ବାଙ୍କର ତୋଳା, ରଙ୍ଗିଆ ଗୁଡା,ଗୌଡୁଣି ପୋଷ ,ବଡରମା, ତଳ ବଲାଙ୍ଗୀ, କେ. ବଲାଙ୍ଗ ପ୍ରଭୃତି ଗ୍ରାମରୁ ୬୮ ଜଣଙ୍କୁ ରୋଷେଇ ବାସନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ସେହିଭଳି ଅନୁରୂପ କାର୍ଯ୍ୟକ୍ରମ ଜାମୁଡ଼ିହି ସ୍ଥିତ ସିଆରପିଏଫ କ୍ୟାମ୍ପଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରକ୍ସି ପଞ୍ଚାୟତ ସରପଞ୍ଚ ଆନନ୍ଦ ମାସି ହରୋ, ଫରେଷ୍ଟର ଜୟ ଲକ୍ଷ୍ମୀ ପ୍ରଧାନ, କମାଣ୍ଡାଣ୍ଟ ମନୋଜ କୁମାର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜଗଦୀଶ ଯାଦବ ପ୍ରମୁଖ ଯୋଗ ଦେଇଥିଲେ। ଜାମୁଡ଼ିହି ସମେତ ଆଖପାଖ ଅଞ୍ଚଳର ୬୮ ଜଣଙ୍କୁ ରୋଷେଇ ବାସନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ପୀତାମ୍ବର ଲାଲ ସାହୁ, ଦୀପକ କୁମାର, ଅଜୟ ପାଶ୍ୱନ, ସୁକାନ୍ତ କୁମାର ସୋରେନ, ଲାଲା ଭାରତ, କ୍ଷମାନିଧି ନାୟକ, ଡମ୍ବରୁଧର ସାହୁ, ମେହେମାନ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ବରସୁଆଁ ଲୌହଖଣି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ଟେନସା,୨୮।୧(ଡି.ଏନ୍.ଏ):** ସୁନ୍ଦରଗଡ଼ ଜିଲା ଭାରତୀୟ ପ୍ରାଧିକରଣ ସଂସ୍ଥା (ସେଲ)ବରସୁଆଁ ଲୌହ ଖଣି ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ତାଲିଡି ଗ୍ରାମରେ ଅନୁଷ୍ଠିତ ହୋଇଛି। ସେଲ ପେରିଫେରିୟଲ ଆୟୋଜିତ ଟେନସା ଇସ୍ପାତ କାରଖାନାର ବିଭିନ୍ନ ବିଭାଗର ଡାକ୍ତର ଯୋଗ ଦେଇଥିଲେ। ଡାକ୍ତର ରାଜେଶ କୁମାର, ଡାକ୍ତର ରାଜେଶ୍ୱନୀ ଯୋଗ ଦେଇ ୧୮୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରଥିଲେ।

आज़ादी का अमृत महोत्सव G20
କର୍ମଚାରୀ ଭବିଷ୍ୟନିଧି ସଂଗଠନ
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
EMPLOYEES' PROVIDENT FUND ORGANISATION
(MINISTRY OF LABOUR & EMPLOYMENT , GOVT. OF INDIA)
ଆଞ୍ଚଳିକ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼
Regional Office, Bhavishyanidhi Bhawan, Panposh Road, Roukela - 769012, E - mail : ro.rourkela@epfindia.gov.in

ପ୍ରେସ୍ ବିଜ୍ଞପ୍ତି

ନିଧି ଆପ୍‌କେ ନିକଟ୍-୨.୦ ଶୃଙ୍ଖଳା ଅନ୍ତର୍ଗତ ଭବିଷ୍ୟନିଧି ସଂଗଠନର ଏହି ମହତ୍ତ୍ୱାକାଂକ୍ଷୀ ଓ ଯୋଜନାବଦ୍ଧ 'ଜିଲ୍ଲା ସଚେତନତା ଏବଂ ସନ୍ନିକଟତା କାର୍ଯ୍ୟକ୍ରମ' ସର୍ବଭାରତୀୟ ସ୍ତରରେ ଦେଶର ସମସ୍ତ ଜିଲ୍ଲା ସହ ରାଉରକେଲା ଭବିଷ୍ୟନିଧି କାର୍ଯ୍ୟାଳୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ପାଞ୍ଚଟି ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଏବଂ ଦେବଗଡ଼ରେ ୨୭.୦୧.୨୦୨୩ ତାରିଖ ଶୁକ୍ରବାର ଦିନ ଆରମ୍ଭ ହୋଇଛି । ଏହି ବିଶାଳ ସଚେତନତା ଏବଂ ସନ୍ନିକଟତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି, ବିଶ୍ୱର ସର୍ବବୃହତ୍ ସାମାଜିକ ସୁରକ୍ଷାର ମାନ୍ୟତା ବହନ କରୁଥିବା କର୍ମଚାରୀ ଭବିଷ୍ୟନିଧି ସଂଗଠନ ଦେଶର ପ୍ରତିଟି ଜିଲ୍ଲାରେ ବାସ କରୁଥିବା ପ୍ରତ୍ୟେକ ହିତାଧିକାରୀ, ଯେପରିକି ଭବିଷ୍ୟନିଧି ସଦସ୍ୟ, ପେନସନ୍‌ଗ୍ରହୀତା, ଶ୍ରମିକ ଓ ନିଯୁକ୍ତିଦାତାଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କୁ ତାଙ୍କର ଦ୍ୱାର ଦେଶରେ ସୁବିଧା ପ୍ରଦାନ କରିବା।

ଶ୍ରୀଯୁକ୍ତ ଜୟକୁମାର,ପଶ୍ଚିମ ଓଡ଼ିଶା ସର୍କଲର କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ-୧ , ରାଉରକେଲାସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟରୁ ଏହି ଅଖିଳ ଭାରତୀୟ ଜିଲ୍ଲାସ୍ତରୀୟ ନିଧି ଆପ୍‌କେ ନିକଟ ୨.୦ କାର୍ଯ୍ୟକ୍ରମ ସମ୍ବନ୍ଧରେ ଜଣାଇବା ସଂଗେ ସଂଗେ ଏହାର ଶୁଭାରମ୍ଭ ୨୭.୦୧.୨୦୨୩ ପୂର୍ବାହ୍ଣ ୧୦ ଘଟିକା ସମୟରେ କର୍ମଚାରୀ ଭବିଷ୍ୟନିଧି ସଂଗଠନର ମୁଖ୍ୟାଳୟ ନୂଆଦିଲ୍ଲୀରୁ କେନ୍ଦ୍ରୀୟ ଭବିଷ୍ୟନିଧି ଆୟୁକ୍ତ ଶ୍ରୀମତୀ ନୀଲମ ଶମୀ ରାଓ, ଭା.ପ୍ର.ସେ ଏବଂ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟର ସଚିବ ଶ୍ରୀମତୀ ଆରତୀ ଆହୁଜା, ଭା.ପ୍ର.ସେ. ଭିଡ଼ିଓ କନ୍‌ଫରେନସିଂ ମାଧ୍ୟମରେ ଉଦ୍‌ଘାଟିତ କରିଥିଲେ।

କ୍ଷେତ୍ରୀୟ କାର୍ଯ୍ୟାଳୟ ରାଉରକେଲା ଅନ୍ତର୍ଗତ ପାଞ୍ଚଟି ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଏବଂ ଦେବଗଡ଼ରେ ନିଯୁକ୍ତ ଜିଲ୍ଲା ନୋଡାଲ ଅଧିକାରୀ(DNO)ଙ୍କ ତତ୍ତ୍ୱାବଧାନରେ ଏହି ଜିଲ୍ଲାସ୍ତରୀୟ ଶିବିରମାନ ଜିଲ୍ଲା ପ୍ରଶାସନର ସମ୍ମେଳନ କକ୍ଷରେ ଆୟୋଜନ କରାଯାଇଥିଲା, ଯେଉଁଥିରେ ଭବିଷ୍ୟନିଧି ସଦସ୍ୟ, ପେନସନ୍‌ଗ୍ରହୀତା, ଶ୍ରମିକ ଓ ନିଯୁକ୍ତିଦାତାଙ୍କ ପ୍ରତିନିଧିମାନଙ୍କ ସମେତ ସ୍ଥାନୀୟ ବିଧାୟକ, ଭବିଷ୍ୟନିଧି କ୍ଷେତ୍ରୀୟ ସମିତିର ସଦସ୍ୟ, ଅତିରିକ୍ତ କେନ୍ଦ୍ରୀୟ ଆୟୁକ୍ତ, କ୍ଷେତ୍ରୀୟ ଆୟୁକ୍ତ, ସହକାରୀ ଆୟୁକ୍ତ ଆଦି ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଦେବଗଡ଼ର ମାନ୍ୟବର ବିଧାୟକ ଶ୍ରୀ ସୁବାସଚନ୍ଦ୍ର ପାଣିଗ୍ରାହୀଙ୍କ ସହ ସମ୍ବଲପୁର ଜିଲ୍ଲା କାର୍ଯ୍ୟାଳୟର ସହକାରୀ ଆୟୁକ୍ତ ଶ୍ରୀ ଅରବିନ୍ଦ ପ୍ରଧାନ ଦେବଗଡ଼ ଜିଲ୍ଲା ନିଧି ଆପ୍‌କେ ନିକଟ ୨.୦ ଶିବିରରେ ଉପସ୍ଥିତ ଥିବାବେଳେ ସୁନ୍ଦରଗଡ଼ ଜିଲ୍ଲା ନିଧି ଆପ୍‌କେ ନିକଟ ୨.୦ ଶିବିରରେ ସୁନ୍ଦରଗଡ଼ର ମାନ୍ୟବର ବିଧାୟିକା ଶ୍ରୀମତୀ କୁସୁମ ଟେଟେ, ଭବିଷ୍ୟନିଧି କ୍ଷେତ୍ରୀୟ ସମିତିର ସଦସ୍ୟ ଶ୍ରୀ ପି.କେ.ବେହେରା, ରାଉରକେଲା କାର୍ଯ୍ୟାଳୟର କ୍ଷେତ୍ରୀୟ ଆୟୁକ୍ତ ଶ୍ରୀ ଅଶ୍ୱିନୀ କୁମାର ବାରିକ ଯୋଗ ଦେଇଥିଲେ।

ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଏବଂ ଦେବଗଡ଼ ଜିଲ୍ଲାରେ ଆୟୋଜିତ ଏହା ନିଧି ଆପ୍‌କେ ନିକଟ ୨.୦ ଶିବିରମାନଙ୍କରେ ଅଂଶଗ୍ରହଣକାରୀମାନେ ବିପୁଳ ସଂଖ୍ୟାରେ ଭାଗ ନେଇ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାବଳୀ ସମ୍ପର୍କରେ ନିଜ ନିଜର ବିଚାର ବିନିମୟ କରିବା ସହ ସେଗୁଡ଼ିକର ସୁଚାରୁ ସମାଧାନ କରାଯାଇଥିଲା । ଭବିଷ୍ୟନିଧି ସଂଗଠନର ଅଧିକାରୀ ଓ କର୍ମଚାରୀମାନେ ସେଣ୍ଟ୍ରାଲାଇଜ୍‌, ଡାଟାବେସ୍ ସହ ସମ୍ପୃକ୍ତ ରହି ମିଳିତ ଭାବରେ ନିଜର ଲାପ୍‌ଟପ୍ ଓ ମୋବାଇଲ୍ ସହାୟତାରେ ଅଭିଯୋଗଗୁଡ଼ିକର ପଞ୍ଜିକରଣ କରିବା ସହ ସେଗୁଡ଼ିକର ଯଥା ସମୟ ନିଦାନ ମଧ କରିଥିଲେ । ଯେହେତୁ ଏହି ନିଧି ଆପ୍‌କେ ନିକଟ ୨.୦ କାର୍ଯ୍ୟକ୍ରମ ଏବେ ପ୍ରତ୍ୟେକ ମାସର ୨୭ ତାରିଖ ଦିନ ଆୟୋଜିତ କରିବା ପାଇଁ ସ୍ଥିରୀକୃତ ହୋଇଛି ଏବଂ ୨୭ ତାରିଖଟି ଛୁଟିଦିନ ପଡ଼ିଲେ କାର୍ଯ୍ୟକ୍ରମ ପରବର୍ତ୍ତୀ କାର୍ଯ୍ୟ ଦିବସରେ ଅନୁଷ୍ଠିତ ହେବ । ତେଣୁ ଯେଉଁ ହିତାଧିକାରୀମାନେ ଏହି ମାସର ନିଧି ଆପ୍‌କେ ନିକଟ ୨.୦ ଶିବିର କାର୍ଯ୍ୟକ୍ରମରେ ଭାଗ ନେଇ ପାରିନାହାନ୍ତି, ସେମାନେ ପରବର୍ତ୍ତୀ ମାସମାନଙ୍କରେ ନିଜ ଜିଲ୍ଲାରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ । ପରବର୍ତ୍ତୀ ମାସମାନଙ୍କରେ ନିଧି ଆପ୍‌କେ ନିକଟ୍ ୨.୦ର କାର୍ଯ୍ୟକ୍ରମ ତହସିଲ ଓ ତାଲୁକ୍ ସ୍ତରରେ ଶିଳ୍ପାଞ୍ଚଳ ତଥା ଶ୍ରମିକବସତି ପରି ଆଭ୍ୟନ୍ତରୀଣ ଅଞ୍ଚଳମାନଙ୍କରେ ମଧ ଆୟୋଜିତ କରାଯିବାର ଯୋଜନା ରହିଛି।

କର୍ମଚାରୀ ଭବିଷ୍ୟନିଧି ସଂଗଠନର ଏହି ଜିଲ୍ଲା ସଚେତନତା ଏବଂ ସନ୍ନିକଟତା କାର୍ଯ୍ୟକ୍ରମ ନିଧି ଆପ୍‌କେ ନିକଟ ୨.୦ ଭବିଷ୍ୟନିଧି ସଦସ୍ୟ, ପେନସନଗ୍ରହୀତା, ଶ୍ରମିକ ଓ ନିଯୁକ୍ତିଦାତାଙ୍କ ମଧରେ ଆଶାବାଦ ସଂଚାର କରିପାରିଛି । କାରଣ ବହୁବର୍ଷ ପରେ କେନ୍ଦ୍ର ସରକାରଙ୍କର ଏକ ସଂଗଠନ ତା'ର ପ୍ରତିଟି ହିତାଧିକାରୀଙ୍କ ଦ୍ୱାରଦେଶରେ ପହଞ୍ଚି ସୁବିଧା ପ୍ରଦାନ କରିପାରିବାର ଠୋସ୍ ପଦକ୍ଷେପ ଗ୍ରହଣ କରିଛି, ଯାହା ଏବେ ପ୍ରତି ମାସରେ ଜାରି ରହିବ ଏବଂ ହିତାଧିକାରୀମାନେ ସେମାନଙ୍କ ନିଜ ଜିଲ୍ଲାରେ ହିଁ ନିଜର ସମସ୍ୟାଗୁଡ଼ିକ ସମାଧାନ କରିବା ସହ ଆବଶ୍ୟକ ସୂଚନା ମଧ ଅଦ୍ୟତନ କରିପାରିବେ।

(ଅଂଶଗ୍ରହଣକାରୀଙ୍କ ଫିଡ୍‌ବ୍ୟାକ୍‌ର ବାଇଟସ୍ ତଥା କାର୍ଯ୍ୟକ୍ରମର କିଛି ରେକର୍ଡ଼ିଂ ସହିତ ବିଭିନ୍ନ ଜିଲ୍ଲାର ମୁଖ୍ୟାଳୟରୁ ପ୍ରାପ୍ତ ନିଧି ଆପ୍‌କେ ନିକଟ ୨.୦ର କାର୍ଯ୍ୟକ୍ରମର ରିପୋର୍ଟ ସଂଲଗ୍ନ।)

ହ/-
କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ-୧
କ୍ଷେତ୍ରୀୟ କାର୍ଯ୍ୟାଳୟ, ରାଉରକେଲା

# ମହିଳା ଉଦ୍ୟୋଗୀଙ୍କୁ ଆର୍ଥିକ ଉନ୍ନତିର ମାର୍ଗ ଦେଖାଇଲା ସରସ ମେଳା

ରାଉରକେଲା ଅଫିସ,୨୮।୧

ରାଉରକେଲା ସେକ୍ଟର-୫ ଭବନ ସ୍ଥିତ ପ୍ରଦର୍ଶନୀ ପଡିଆଠାରେ ହକି ବିଶ୍ୱକପ୍ ନେଇ ଚାଲିଥିବା ସରସ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମେଳାର ସଫଳ ଆୟୋଜନକୁ ନେଇ ଜିଲା ପ୍ରଶାସନଙ୍କୁ ଧନ୍ୟବାଦ୍ ଦେଇଥିଲେ। ସରସ ମେଳା ମହିଳା ଉଦ୍ୟୋଗୀଙ୍କ ପାଇଁ ଆର୍ଥିକ ଉନ୍ନତିର ମାର୍ଗ ପ୍ରଦର୍ଶକ ସାଜିଥିବା କହିଥିଲେ। ସୁନ୍ଦରଗଡ ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି ମେଳା ଉଦ୍‌ଯାପନୀ ସମାରୋହରେ ମହିଳା ଗୋଷ୍ଠୀ ସମୂହଙ୍କ ହାତ ତିଆରୀ ସାମଗ୍ରୀ ବଜାର ମେଳାରେ ଉପଲବ୍ଧ କରାଇ ମହିଳା ଉଦ୍ୟୋଗୀଙ୍କୁ ସ୍ୱାବଲମ୍ବୀ କରାଇବା ମୁଳ ଲକ୍ଷ୍ୟ ଥିଲା ବୋଲି କହିଥିଲେ। ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଡାକ୍ତର ଶୁଭଙ୍କର ମହାପାତ୍ର ମେଳା ଉଦ୍‌ଯାପନୀ ସମାରୋହରେ କମ୍ ମୂଲ୍ୟରେ ଉନ୍ନତମାନର ସାମଗ୍ରୀ ତିଆରି କରିବା କଳା କେବଳ ମହିଳା ସମୂହ ଦ୍ୱାରା ହିଁ ସମ୍ଭବ ବୋଲି କହିଥିଲେ। ସୁନ୍ଦରଗଡ଼ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ସତ୍ୟବାନ ସମାରୋହରେ ମହିଳା ଗୋଷ୍ଠୀ ସମୂହ ନିର୍ମିତ ସାମଗ୍ରୀ ଜାତୀୟ ବଜାରରୁ ଅନ୍ତର୍ଜାତୀୟ ବଜାରରେ ଉପଲବ୍ଧ କରାଇବା ନିହାତି ଆବଶ୍ୟକ ବୋଲି କହିଥିଲେ । ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ସରସ ମେଳାର ଉଦ୍‌ଯାପନୀ ସମାରୋହରେ ମହିଳା ଗୋଷ୍ଠୀ ସମୂହଙ୍କର ହାତ ତିଆରି ଖାଦ୍ୟ ସାମଗ୍ରୀ ସ୍ୱାଦ ସବୁଠାରୁ ଅନନ୍ୟ ବୋଲି କହିଥିଲେ। ରାଉରକେଲା ଏସ୍.ପି ମୁକେଶ କୁମାର ଭାମୁ ସମାରୋହରେ ଜାତୀୟସ୍ତରୀୟ ମେଳାରେ ରାଉରକେଲାର ଅଗଣିତ ଗ୍ରାହକ ଓ ଦର୍ଶକ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏବଂ ଶାନ୍ତିଶୃଙ୍ଖଳାକୁ ବଜାୟ ନିମନ୍ତେ ମୁତୟନ ରହିଥିବା ପୋଲିସ ଫୋର୍ସର ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ୧୩ଦିନ ଧରି ଚାଲିଥିବା ସରସ ମେଳାରେ ୫କୋଟି ଟଙ୍କାର ବ୍ୟବସାୟ ହୋଇଛି। ସରସ ମେଳା ଉଦ୍‌ଯାପନୀ ସମାରୋହ ନେଇ ସରସ ମେଳା କ୍ୟାଲେଣ୍ଡର ମଧ ଉନ୍ମୋଚନ କରାଗଲା। ଜିଲାର ସଫଳ ହକି ଖେଳାଳି, ପୂର୍ବତନ କୋଚ୍ ଓ କ୍ରୀଡା ପ୍ରଶାସକଙ୍କୁ ମଧ ସମ୍ମାନିତ କରାଗଲା । ସରସ ମେଳାରେ ହସ୍ତତନ୍ତ ସାମଗ୍ରୀ ସବୁଠୁ ଅଧିକ ବ୍ୟବସାୟ କରିଥିବା ଯୋଗୁ ସମ୍ବଲପୁର ଆଦ୍ୟାଶା ମହଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଗଲା । ବାହ୍ୟରାଜ୍ୟ ମହିଳା ସମୂହ ଗୋଷ୍ଟୀରେ ପଶ୍ଚିମବଙ୍ଗର ପଦ୍ମ ମହିଳା ସ୍ୱର୍ଣ୍ଣିମାନ ଗୋଷ୍ଠୀକୁ ସମ୍ମାନିତ କରାଗଲା। ସେହିପରି ମୟୂରଭଞ୍ଜ ମହିଳା ମଣ୍ଡଳ ଗ୍ରୁପ ମୁଢୀ ଓ ମାଂସ ନେଇ ସମ୍ମାନିତ ହେଲେ । ସୁନ୍ଦର ପ୍ରଦର୍ଶନୀ ଷ୍ଟଲରେ



ମେଳା ଉଦ୍‌ଯାପନୀ ସମାରୋହରେ ଅତିଥି ।

### ୧୩ ଦିନରେ ୫କୋଟିରୁ ଅଧିକ ଟଙ୍କାର ବ୍ୟବସାୟ

କେନ୍ଦ୍ରପଡା ହସ୍ତକଳା ଉତ୍ପାଦକ ଗୋଷ୍ଠୀ ସଦଶ୍ୟଙ୍କୁ ଗୋଲଡେନ ଗ୍ରାସ ନିମନ୍ତେ ଓ ଆସାମର ବୁଆରୀ ଜୀବିକା ଏସ୍‌ଏଚ୍‌ଜିକୁ ବାଉଁଶ ପ୍ରସ୍ତୁତୀ ସାମଗ୍ରୀ ପାଇଁ ସମ୍ମାନିତ କରାଗଲା। ମେଳା ଉଦ୍‌ଯାପନୀ ସମାରୋହର ରାତ୍ରିକାଳୀନ ସାଂସ୍କୃତିକ ସନ୍ଧ୍ୟାରେ ମଣିପୁର ଥାଙ୍ଗଟା ନୃତ୍ୟ ମୁଖ୍ୟ ଆକର୍ଷଣ ସାଜିଥିବାବେଳେ ଝାରସୁଗୁଡା ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ଖୁବ୍ ମନୋରଞ୍ଜିତ କରିଥିଲା । ପରେ ରାଉରକେଲାର ଦେବନୃତ୍ୟମ୍ କଳା ପରିଷଦ ତରଫରୁ ଓଡିଶୀ ଏବଂ ସମ୍ବଲପୁରୀ ନୃତ୍ୟାଦି ପରିବେଷଣ କରାଯାଇଥିଲା। ଜାନୁଆରୀ ୧୫ ତାରିଖ ଠାରୁ ସରସ ମେଳା ଆୟୋଜିତ ହୋଇ ଆସୁଥିବା ବେଳେ ସରସ ମେଳାରେ ସର୍ବମୋଟ ୨୫୦ଟି ଷ୍ଟଲ ପଡିଥିଲା । ରାଜ୍ୟ ଏବଂ ରାଜ୍ୟ ବାହାରର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉତ୍ପାଦକ ସଂଘମାନେ ସରସ ମେଳାରେ ଭାଗ ନେଇଥିବାବେଳେ ସୁନ୍ଦରଗଡ ଜିଲା ଓରମାସ ଡେପୁଟି ସିଇଓ କେଶବ ଝା ସରସ ମେଳାର ପରିଚାଳନା ଦାୟିତ୍ୱ ତୁଲାଇ ଆସୁଥିଲେ।

## ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ମାଡ଼ ଅଭିଯୋଗ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ବଗଡାରେ ଜନୈକା ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ଜଣେ ବ୍ୟକ୍ତି ଗତ ତିନିଦିନ ହେଲା ବିନା କାରଣରେ ମାଡ ମାରୁଥିବା ଥାନାରେ ଅଭିଯୋଗ ହୋଇଛି। ପୀଡିତାଙ୍କ ମା ମଲିଫୁଲ ସାହୁ ତାଙ୍କ ଝିଅକୁ ଉକ୍ତ ଗାଁର ଜଣେ ବ୍ୟକ୍ତି ମାଡ ମାରିବା ସହ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି। ଥାନାଧିକାରୀ ତାରାବତୀ ପ୍ରଧାନଙ୍କୁ ପଚାରିବାରୁ ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା କହିଛନ୍ତି ।

## ସଂକ୍ଷେପରେ

### କୁତୁର୍ଲା କଲେଜରେ ଅଭିଭାବକ ସମ୍ମିଳନୀ

ଦେଓଗାଁ,୨୮।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ଧ୍ରୁବାନନ୍ଦ କଲେଜରେ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଭିଭାବକ ଓ ବିଭିନ୍ନ ବିଭାଗର ଅଧାପକମାନେ ଆଲୋଚନା କରିଥିଲେ। ସେହିପରି ଜରାସିଂହା ଯୁକ୍ତ ୨ କଲେଜରେ ପ୍ରାଧାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ପ୍ରଧାପକ ଦୁର୍ବାଦଳ ବେହେରା, କଲେଜ ଅଧକ୍ଷ ବସନ୍ତ କୁମାର ମନହୀରା ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଭବିଷ୍ୟ ଗଠନରେ ଶିକ୍ଷକ ଓ ଅଭିଭାବକଙ୍କ ଭୂମିକା ନେଇ ଆଲୋଚନା ହୋଇଥିଲା। ପ୍ରାଧାପକ ଗୋବିନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

### ପୋଲ ନିର୍ମାଣ ସ୍ଥଳରୁ ବିଭିନ୍ନ ସାମଗ୍ରୀ ଚୋରି

ଦେଓଗାଁ,୨୮।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ଲଣ୍ଡାପଥର ନିକଟରେ ନିର୍ମାଣାଧୀନ ଏକ ପୋଲ ପାଖରୁ କିଛି ଉପକରଣ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସେଠାରେ କାମ କରୁଥିବା ଠିକାଦାର ନିର୍ମଳ ଜୈନଙ୍କ ଅଭିଯୋଗ ଅନୁସାରେ ଦୁଇଦିନ ତଳେ କେତେକ ବ୍ୟକ୍ତି ବିଳମ୍ବିତ ରାତିରେ ୨୨ଟି ସଟରିଙ୍ଗ ଲୁହାପ୍ଲେଟ, ୫୫ଟି ଷ୍ଟ୍ରେଚିଙ୍ଗ କଫଲବ ପାଇପ, ୧୨ଟି ଚ୍ୟାନେଲ, ୨୨ଟି ପ୍ଲେନ ପାଇପ, ୧୨ଟି ଜ୍ୟାକ, ୧୭ଟି ବେସପ୍ଲେଟ , ୧୨ଟି ଚେନାଲ ଲୁହାରଡ(ପ୍ରାୟ ୪କୁଇଣ୍ଟାଲ),୨ଟି ଏଚପି ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଠିକାଦାରଙ୍କ ଲିଖିତ ଅଭିଯୋଗ ଅନୁସାରେ ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଅନ୍ୟ କେତେକଙ୍କ ସହ ସହିତ ଚୋରି କରିନେଉଥିବା ସିସିଟିଭି ଫୁଟେଜରେ କଏଦ ହୋଇଥିବା ଏତଲାରେ ଦର୍ଶାଇଛନ୍ତି। ଦେଓଗାଁ ଥାନାଧିକାରୀ ଓ ବନ୍ଧପଡା ଫାଣ୍ଡି ଅଧିକାରୀ ଘଟଣାର ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି।

### ସମିତି ସଭ୍ୟଙ୍କ ପରଲୋକ

ଦେଓଗାଁ,୨୮।୧(ଡି.ଏନ.ଏ.): ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଭୁତିଆରବାହାଲ ଗ୍ରାମ ପଞ୍ଚାୟତର


ଶ୍ରୀବତ୍ସ ସାହୁ।

ସମିତି ସଭ୍ୟ ତଥା ବରିଷ୍ଠ ବିଜେଡି ନେତା ଶ୍ରୀବତ୍ସ ସାହୁଙ୍କ ଶନିବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କ ୬୪ବର୍ଷ ହୋଇଥିଲା। ସେ ଗତ ଏକ ସପ୍ତାହ ଧରି ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଅପରାହ୍ନରେ ତାଙ୍କ ପାର୍ଥିବ ଶରୀର ନିଜ ଗ୍ରାମ ଭୁତିଆରବାହାଲରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ଏକ ଶୋଭାଯାତ୍ରାରେ ମୃତଦେହକୁ ଗାଁ ମଶାଣିକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏକମାତ୍ର ପୁତ୍ର ଟିଟୁ ସାହୁ ମୁଖାଗ୍ନି ଦେଇଥିଲେ । ଶବାଧାରରେ ବିଜୁ ଯୁବ ଜନତା ଦଳ ଯୁବ ସଭାପତି ରାଜେନ୍ଦ୍ର ହୋତା, ଦେଓଗାଁ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ବ୍ଲକ ବିଜେଡି ସଭାପତି ଶୁଶିଲ କୁମାର ଚାନ୍ଦ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ସାରସମାଲ ପାକ୍ସ ସଭାପତି ଗୋପୀନାଥ ବାଗ, ଦେଓଗାଁ ବ୍ଲକ ବିଜେଡି ଛାତ୍ର ସଭାପତି ଦୀପକ ବେହେରା, ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ବରିଷ୍ଠ ବିଜେଡି ନେତା କୈଳାସ ମହାନ୍ତି, ଗୋଲାପ ବାଗ, କୁନା ସ୍ୱାଇଁ, ବିନୁ ଶତପଥୀ, ଗୋବିନ୍ଦ ଚନ୍ଦ୍ର ଶତପଥୀ, ଲିଙ୍କନ ସେଠ ପ୍ରମୁଖ ସାମିଲ ହୋଇଥିଲେ। ସ୍ୱର୍ଗତ ସାହୁଙ୍କ ମୃତ୍ୟୁରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ସିଂଦେଓ, ଓଡିଶା ଗୃହ ନିର୍ମାଣ ଅଧକ୍ଷ କଳିକେଶ ନାରାୟଣ ସିଦେଓ, ଯୁବ ବିଜେଡି ନେତା ଅର୍କେଶ ନାରାୟାଣ ସିଦେଓ, ଜିଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ର, ବ୍ଲକ କଂଗ୍ରେସ କୃଷକ ମୋର୍ଚ୍ଚା ସଭାପତି କୁନା ସାହୁ, ପୂର୍ବତନ ବ୍ଲକ ଅଧକ୍ଷ କୈଳାସ ତାଣ୍ଡି, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂନିନା, ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

# ଆଗାମୀ ଗ୍ରାମସଭା ବର୍ଜନ କରିବେ

ବଲାଙ୍ଗୀର ଅଫିସ, ୨୮।୧

ଗ୍ରାମସଭାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକା ଅନୁମୋଦନ କରାଯିବାକୁ ଥିବାବେଳେ ଏଥିରେ ବିସଙ୍ଗତି ଏବଂ ତ୍ରୁଟି ଥିବା ଦର୍ଶାଇ ଜିଲାର ୩୧୭ ପଞ୍ଚାୟତ ସରପଞ୍ଚ ଗ୍ରାମସଭା ବର୍ଜନ କରିଛନ୍ତି। ଗତ ୨୬ ତାରିଖରେ ସ୍ୱତନ୍ତ୍ର ଗ୍ରାମସଭାକୁ ଜିଲାର ସମସ୍ତ ୩୧୭ ସରପଞ୍ଚ ବର୍ଜନ କରିଥିବା କୁହାଯାଇଛି। ଆଗାମୀ ୩୦ ତାରିଖରେ ଏହି ତାଲିକା ଅନୁମୋଦନ ପାଇଁ ଆୟୋଜିତ ହେବାକୁ ଥିବା ଗ୍ରାମସଭାକୁ ମଧ୍ୟ ସରପଞ୍ଚମାନେ ବର୍ଜନ କରିବେ ବୋଲି ଶନିବାର ବୈଠକରେ ନିଷ୍ପତ୍ତି ହୋଇଛି।

ଶନିବାର ସ୍ଥାନୀୟ ଡିପିଆରସି ସମ୍ମିଳନୀ ଗୃହରେ ଜିଲାର ସରପଞ୍ଚ ସଂଘ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସଂଘ ସଭାପତି ବୀରବର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଗାମୀ ୩୦ତାରିଖରେ ପ୍ରତି ପଞ୍ଚାୟତରେ ପୁଣି ଥରେ ଗ୍ରାମସଭା କରାଯିବାକୁ ବିଡିଓ ଦେଇଥିବା ଚିଠି ସଂକ୍ରାନ୍ତରେ


ବଲାଙ୍ଗୀର ଡିପିଆରସି କୋଠା ସମ୍ମୁଖରେ ଉପସ୍ଥିତ ଜିଲା ସରପଞ୍ଚ ସଂଘ ସଦସ୍ୟମାନେ।

**ପ୍ରଧାନମନ୍ତ୍ରୀ ଆବାସ ତାଲିକା ଅନୁମୋଦନ ପ୍ରସଙ୍ଗ**
■ ସରପଞ୍ଚଙ୍କ ବୈଠକରେ ହେଲା ନିଷ୍ପତ୍ତି

ଆଲୋଚନା ହୋଇଥିଲା। ଉପସ୍ଥିତ ସମସ୍ତ ସଦସ୍ୟ ତାଲିକା ପ୍ରସ୍ତୁତି ବେଳେ ସରପଞ୍ଚମାନଙ୍କ ମତାମତ ନିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ତାଲିକା ପ୍ରସ୍ତୁତିରେ ସରପଞ୍ଚମାନଙ୍କ କୌଣସି ମତାମତ ନିଆଯାଇ ନ ଥିବାରୁ ଏଭଳି ତାଲିକା ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଛନ୍ତି। ଅନ୍ୟପଟେ ତାଲିକା ଗ୍ରାମସଭାରେ ଅନୁମୋଦନ ହୋଇନଥିବାରୁ ହିତାଧିକାରୀମାନେ ଆବାସ ଯୋଜନାରେ ଘର ପାଇବା ବିଳମ୍ବ ହେଉଛି। ଆଜିର ବୈଠକରେ ଜିଲା ସରପଞ୍ଚ ସଂଘ ସଭାପତି ସାହୁ, କାର୍ଯ୍ୟକାରୀ ସଭାପତି ବଳଦେବ ସାହୁ, ଉପସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ସଞ୍ଜୟ ଗଡତିଆ, ଦନାର୍ଦ୍ଦନ ସାହୁ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକା ବିସଙ୍ଗତି ସଂଶୋଧନ କରା ନ ଯିବା ପର୍ଯ୍ୟନ୍ତ ଏହା ଗ୍ରହଣଯୋଗ୍ୟ ହେବନାହିଁ ବୋଲି ସରପଞ୍ଚମାନେ ରୋକ୍‌ଠୋକ୍ ଶୁଣାଇଛନ୍ତି।

# ବୈଶାଖ ମେଳା ପୂର୍ବରୁ କାମ ସାରିବାକୁ ନିର୍ଦ୍ଦେଶ

ଖପ୍ରାଖୋଲ,୨୮।୧(ଡି.ଏନ.ଏ.)

**ହରିଶଙ୍କର ଉନ୍ନୟନ କାମ ତଦାରଖ କଲେ ଉପଜିଲାପାଳ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପବିତ୍ର ପୁଣ୍ୟକ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳୀ ହରିଶଙ୍କର ମନ୍ଦିର ପରିସରରେ ବିଭିନ୍ନ ଉନ୍ନୟନମୂଳକ କାମର ତଦାରଖ କରିଛନ୍ତି ପାଟଣାଗଡ ଉପଜିଲାପାଳ ଡ଼ା ବିଜୟାନନ୍ଦ ସେଠୀ। ମନ୍ଦିର ପରିସରରେ ମାଟିଖୋଳା କାମ ସରିଥିବା ବେଳେ ନିର୍ମାଣ କାମ ଆରମ୍ଭ ହେଉଛି। ସେହିପରି ମୁଖଶାଳା ସମ୍ମୁଖ କୋଠା କାମ ଚାଲୁ ରହିଛି। ପ୍ରତିବର୍ଷ ନୃସିଂହ ଚତୁର୍ଦ୍ଦଶୀ ତଥା ବୈଶାଖ ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥାଏ। ଏହାକୁ ଆଖି ଆଗରେ ରଖି ମେଳା ପୂର୍ବରୁ ଉନ୍ନୟନ କାମ କିଭଳି ଶେଷ ହୋଇପାରିବ ସେନେଇ କାମ ଇନଚାର୍ଜ , ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଖପ୍ରାଖୋଲ ବିଡ଼ିଓ ରଶ୍ମି ରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟସ୍ଥଳରେ ଅନ୍ୟ ଅଧିକାରୀଙ୍କ ସହ ଉପଜିଲାପାଳ।

# ଘରେ ଘରେ ପୁଷ୍ଟି ପ୍ରୟାସ ରଥର ଶୁଭାରମ୍ଭ

ବଲାଙ୍ଗୀର ଅଫିସ, ୨୮।୧

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ରାଜ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଜିଲା ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଘରେ ଘରେ ପୁଷ୍ଟି ପ୍ରୟାସ ରଥକୁ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଛନ୍ତି। ବଲାଙ୍ଗୀର ବ୍ଲକ ଚନ୍ଦନଭାଟି ୟୁପି ସ୍କୁଲ ପ୍ରାଙ୍ଗଣରେ ଜିଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସ୍ଥାନୀୟ ମହିଳାମାନଙ୍କୁ ବିଧାୟକ ମିଶ୍ର ବିଭିନ୍ନ ପ୍ରକାର ପୁଷ୍ଟିକାରକ ଚାରା ଏବଂ ବିହନ ବଣ୍ଟନ କରିଥିଲେ। ସରକାରଙ୍କ ପୁଷ୍ଟିହୀନତା ଦୂରୀକରଣ ଯୋଜନାରେ ପୂର୍ବରୁ ଅଙ୍ଗନୱାଡିମାନେ ଗର୍ଭବତୀ ମହିଳା ଏବଂ ଛୋଟ ଶିଶୁମାନଙ୍କୁ ଭିଟାମିନ ବଟିକା ତଥା ପୃଷ୍ଟିକର ଖାଦ୍ୟ ବଣ୍ଟନ କରୁଥିଲେ। ବର୍ତ୍ତମାନ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମା'ମାନଙ୍କୁ ବିଭିନ୍ନ ପ୍ରକାର ଚାରା ଯାହାକି ଭବିଷ୍ୟତରେ ପୁଷ୍ଟିକର ଫଳ ଯୋଗାଇବ ଦିଆଯାଇଥିଲା। ମୁଖ୍ୟଅତିଥି ବିଧାୟକ ମିଶ୍ର କହିଥିଲେ ଯେ, ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ହେଉଛି ବହୁତ ପୁରୁଣା ବ୍ୟବସ୍ଥା । ବହୁ ପୂର୍ବରୁ ଘରେ ଗର୍ଭବତୀ ମହିଳାମାନଙ୍କୁ ଏବଂ ଶିଶୁମାନଙ୍କୁ ଏହି ଖାଦ୍ୟ ପ୍ରଦାନ କରାଯାଉଥିଲା । ଯାହାକି ବର୍ତ୍ତମାନ ସରକାର ବିଭିନ୍ନ ଢଙ୍ଗରେ



ବିଧାୟକ ନରସିଂହ ମିଶ୍ର ଘରେ ଘରେ ପୃଷ୍ଟି ପୟାସ ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ସରକାର ଶୀତଳ ଭଣ୍ଡାର ପ୍ରତିଷ୍ଠା ପ୍ରସ୍ତାବ ଦିଅ: ନରସିଂହ**

ନିଜ ପୁଷ୍ଟିକର ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି । ଏହା ନିହାତି ଭାବରେ ଏକ ସଠିକ୍ ଯୋଜନା କିନ୍ତୁ ଗ୍ରାଉଣ୍ଡ ଜିରୋରେ ଯୋଜନାର କାର୍ଯ୍ୟକାରିତାକୁ ସଫଳ କରିବା ଉପରେ ସେ ଜୋର ଦେଇଥିଲେ। ଜିଲାରେ କୃଷକମାନଙ୍କ ହିତ ପାଇଁ ସରକାରୀ ଶୀତଳ ଭଣ୍ଡାର ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ପଠାଯାଉ ଏବଂ ତାଙ୍କୁ ଏକ ନକଲ ପ୍ରଦାନ କରାଯିବା ପାଇଁ ବିଧାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡା ଇପସିତା ପାତ୍ର, ଅତିରିକ୍ତ ଜିଲା ଉଦ୍ୟାନ କୃଷି ନିର୍ଦ୍ଦେଶକ ପ୍ରମୋଦ ସେଠୀ, ସ୍ଥାନୀୟ ସରପଞ୍ଚ ପଙ୍କଜିନି ସାହୁ, ସମିତି ସଭ୍ୟ ସଙ୍ଗୀତା ପାଣିଗ୍ରାହୀ, ଉପଉଦ୍ୟାନ କୃଷି ଅଧିକାରୀ ସୁଚିସ୍ମିତା ମେହେର, ଗିତିକ୍ରିଷ୍ଣା ନାଏକ, ସମ୍ବିଧାନ ଭୁଏ, ପ୍ରଜିତା ପୁରୋହିତ, ବୁଦ୍ଧିଜୀବୀ କପିଳେଶ୍ୱର ପାଣିଗ୍ରାହୀ, ସଂକୀର୍ତ୍ତନ ମେହେର, ପ୍ରକାଶ ବରାଇ, ଗୋକୁଳ ବେହେରା, ଲିଙ୍ଗରାଜ ମେହେର, ବଳରାମ ମେହେର, ଦେବ ପ୍ରଧାନଙ୍କ ସମେତ ଆଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସେବିକା ସଭ୍ୟ ଉପସ୍ଥିତ ଥିଲେ ।

# ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା

ଲାଞ୍ଜିଗଡ଼, ୨୮।୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସଞ୍ଜୀବ କୁମାର ନାଏକଙ୍କୁ ଶନିବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ ଚଳିତ ମାସ ଶେଷ ସୁଦ୍ଧା ଅବସର ନେବାକୁ ଯାଉଥିବାରୁ ତାଙ୍କୁ ଲାଞ୍ଜିଗଡ଼ ବ୍ଲକ ପାହାଡ଼ପଦର ହାଇସ୍କୁଲରେ ଅବସର ପୂର୍ବ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପାହାଡ଼ପଦର ହାଇସ୍କୁଲର ପ୍ରଧାନ ଶିକ୍ଷକ କାଳୀଦାସ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଲାଞ୍ଜିଗଡ଼ ବିଇଓ ସଞ୍ଜୀବ କୁମାର ନାଏକ ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ଶିବାଜୀ ମାଝୀ, ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ବ୍ଲକ ଅଧକ୍ଷା ପ୍ରତିନିଧି ହରିଶଙ୍କର ପାତ୍ର, ସରପଞ୍ଚ ଲକ୍ଷ୍ମଣ ମାଝୀ, ଏବିଇଓ ପଦ୍ମଲୋଚନ ସୁନା, ବୈଦ୍ୟନାଥ ନାଏକ, ସ୍କୁଲ ପରିଚାଳନା କମିଟି ସଭାପତି ମାଳି ମାଝି, ସିଆରସିସି ପରମେଶ୍ୱର ନାଏକ, ଗୁରୁଗୋବିନ୍ଦ ମହାନ୍ତି, କ୍ଷମାନିଧି ମହାଖୁଡ଼, ପରେଶ ନାୟକ, ଧର୍ମେନ୍ଦ୍ର ପଣ୍ଡା, ତୁଳସୀରାମ ପ୍ରଧାନ, ଦିଲୀପ ହରିଜନ ସମ୍ମାନିତ ଅତିଥି ଭାବେ ପ୍ରମୁଖ ଉପସ୍ଥିତ ଥିଲେ। ଅଶେଶ୍ୱର ବିଭାର ଓ ହୀରାଲାଲ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ମୀନକେତନ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ନବକିଶୋର କ୍ରିକେଟ କ୍ଲବ ଚାମ୍ପିୟନ

ବଲାଙ୍ଗୀର ଅଫିସ, ୨୮।୧

**ଇନଟ୍ରା ଡିଷ୍ଟ୍ରିକ୍ଟ କ୍ଲବ କ୍ରିକେଟ ସିନିୟର ଲିଗ୍**

ବଲାଙ୍ଗୀର ଗାନ୍ଧୀ ଷ୍ଟଡିୟମରେ ଚାଲିଥିବା ସିନିୟର ଇନ୍ଟ୍ରା ଡଷ୍ଟ୍ରିକ୍ଷ କ୍ଲବ ଲିଗ୍ ଶନିବାର ଉଦ୍‌ଯାପିତ ହୋଇଛି। ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟ ଓ ଜିଲା କ୍ରୀଡା ସଂସଦ ବଲାଙ୍ଗୀର ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବଲାଙ୍ଗୀର ନବକିଶୋର କ୍ରିକେଟ କ୍ଲବ ଓ ଟିଟିଲାଗଡ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା । ନବ କିଶୋର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୦ ଓଭରରେ ୬ ଉଇକେଟ ବିନିମୟରେ ୨୨୨ ରନ ସଂଗ୍ରହ କରିଥିଲେ । ଏହାର ଜବାବରେ ଟିଟିଲାଗଡ ଦଳ ୩୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୯୩ ରନ୍ ସଂଗ୍ରହ କରି ୨୯ ରନ୍‌ରେ ପରାଜୟ ବରଣ କରିଥିଲା । ଟି ଓ୍ୱିକେଟ ଅକ୍ତିଆର କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ସହସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ, କ୍ରିକେଟ ସେକ୍ରେଟେରୀ ଓମ୍ ପ୍ରକାଶ ଚାନ୍ଦ, କୋଷାଧକ୍ଷ ପ୍ରଭାତ ମିଶ୍ର, ଫୁଟବଲ ସମ୍ପାଦକ ହେମନ୍ତ ବେହେରା, ବରିଷ୍ଠ ସଦସ୍ୟ ସୁଧୀର ଚନ୍ଦ୍ର ପଣ୍ଡା, ପୂର୍ବତନ ଖେଳାଳି ତଥା କୋଚ ଅରୁଣ କୁମାର ନାଏକ ଉପସ୍ଥିତ ଥିଲେ ।


ଚାମ୍ପିୟନ ନବକିଶୋର ଦଳର ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

# ବୁଥ୍ କମିଟି ସଶକ୍ତ କରିବାକୁ ଆହ୍ୱାନ

ଲୋଇସିଂହା,୨୮।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରସେନ ଭବନରେ ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ୨୦୨୪ କିମ୍ବା ଚଳିତ ବର୍ଷ ଶେଷାର୍ଦ୍ଧରେ ସାଧାରଣ ନିର୍ବାଚନ ହୋଇପାରେ। ରାଜ୍ୟରେ ଭାଜପା ସରକାର ଗଠନ ଏବଂ ନିର୍ବାଚନ ଲଢେଇ ପାଇଁ ବୁଥ୍ କମିଟି ସଶକ୍ତ କରିବାକୁ କର୍ମୀଙ୍କୁ ପ୍ରସ୍ତୁତ ରହିବାକୁ ବୈଠକରେ ଯୋଗଦେଇଥିବା ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ବୈଠକରେ ରାଜ୍ୟ ସରକାରଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ପାରିତ କରାଯାଇଥିଲା। ଏଥିସହିତ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ କହି କର୍ମୀଙ୍କୁ ନେତୃବନ୍ଦ



ବୈଠକରେ ଉପସ୍ଥିତ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ ଜୟନାରାୟଣ ମିଶ୍ର ଓ ଭାଜପା ନେତୃବୃନ୍ଦ।

### ଚର୍ଚ୍ଚାରେ ବିରୋଧୀ ଦଳନେତାଙ୍କ ମନ୍ତବ୍ୟ

ଭାଜପା କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ବକ୍ତବ୍ୟ ଚର୍ଚ୍ଚା ସୃଷ୍ଟି କରିଛି। ବୈଠକ ପ୍ରାରମ୍ଭରେ ବିଭିନ୍ନ କିମିଟର କାର୍ଯ୍ୟକର୍ତ୍ତାଙ୍କ ପରିଚୟ ପ୍ରଦାନ ଏବଂ କମିଟି ଅଗ୍ରଗତି ସମ୍ପର୍କରେ ମିଶ୍ର ପଚାରି ବୁଝିଥିଲେ। ପାଟଣାଗଡ଼ ଏସ୍‌ସି ମୋର୍ଚ୍ଚାର ଜଣେ କାର୍ଯ୍ୟକର୍ତ୍ତା ମହାରାଣୀ ଓ ମହାରାଜାଙ୍କ କାର୍ଯ୍ୟବ୍ୟସ୍ତତା ଯୋଗୁ ବୈଠକ ବସିନାହିଁ ବୋଲି କହିଥିଲେ। ଦଳ ବ୍ୟକ୍ତି କୈନ୍ଦ୍ରିକ ନୁହେଁ। ଦଳୀୟ ସଂଗଠନ ସୁଦୃଢ କରିବାକୁ ହେଲେ ଯେକୌଣସି ପରିସ୍ଥିତିରେ ବୈଠକ ବସିବା କଥା ବୋଲି ମିଶ୍ର କହିଥିଲେ। ସେ ଆହୁରି କହିଥିଲେ ଯେ, ଆମ ଅଞ୍ଚଳ ମହାରାଣୀ ଓ ମହାରାଜା ମୁକ୍ତ ହୋଇଗଲାଣି। ଏହି ଅଞ୍ଚଳ କେବେ ମୁକ୍ତ ହେବ ବୋଲି କହିଥିଲେ। ବିରୋଧୀ ଦଳ ନେତା କେଉଁ ପରିସ୍ଥିତିରେ ଏପରି ମନ୍ତବ୍ୟ ଦେଲେ ତାହା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଏ ବିଷୟରେ ଲୋଇସିଂହା ଭାଜପା ମଣ୍ଡଳ ସଭାପତି ସରୋଜ ସାହୁଙ୍କୁ ପଚାରିବାରୁ ଥଟା ମଜାରେ ରାଜା, ରାଣୀ ପ୍ରସଙ୍ଗରେ ବିଧାୟକ ମିଶ୍ର ଲଘୁ ମନ୍ତବ୍ୟ ଦେଇଥିଲେ ବୋଲି କହିଛନ୍ତି।

ଉତ୍ସାହିତ କରିଥିଲେ। ବୈଠକରେ ବିଭିନ୍ନ କିମଟିର ଅଧାରୁ ଅଧିକ କାର୍ଯ୍ୟକର୍ତ୍ତା ଅନୁପସ୍ଥିତ ଥିବା ବାରି ହୋଇ ପଡିଥିଲା। ଅପରପକ୍ଷେ ନିର୍ବାଚିତ ଜନ ପ୍ରତିନିଧି ଓ ଜିଲା କାର୍ଯ୍ୟକର୍ତ୍ତାଙ୍କ ଉପରେ କର୍ମୀମାନେ ବୈଠକରେ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରୁଥିବା ଦେଖିବାକୁ ମିଳିଥିଲା। ବୈଠକରେ ଜିଲା ସଭାପତି ଶିବାଜୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବିଧାନସଭାରେ ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ବିଧାୟକ ମିଶ୍ର, ଜିଲାରେ ଧାନକିଣା ସ୍ଥିତି ଓ କୃଷକ ମୋର୍ଚ୍ଚାର ଆଭିମୁଖ୍ୟ ସମ୍ପର୍କରେ ଜିଲା କୃଷକ ମୋର୍ଚ୍ଚା ସଭାପତି ମାଧବା ସାଏଙ୍କୁ ପଚାରି ବୁଝିଥିଲେ। ଏହାବାଦ ମଣ୍ଡଳ, ବୁଥ ଓ ଶକ୍ତି କେନ୍ଦ୍ର କମିଟି ଗଠନ ଓ କାର୍ଯ୍ୟଧାର ସମ୍ପର୍କରେ ଆଲୋଚନା କରିଥିଲେ। ୨୦୨୪ରେ ରାଜ୍ୟ ସରକାର ଗଠନ କରିବାକୁ ହେଲେ ବୁଥ୍ କମିଟିକୁ ସଶକ୍ତ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏମ୍‌ପି ସିଂଦେଓ ଓ ବିଧାୟକ ମହାଲିଙ୍ଗ ରାଜନୈତିକ ଚିଠା ପ୍ରସ୍ତାବ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତକୁ ବୈଠକରେ ସମାଲୋଚନା କରାଯାଇଥିଲା। ଅପରପକ୍ଷେ ଜିଲାର ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ବିଳମ୍ବରେ ସୂଚନା

**ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକ**
■ ଜିଲା କାର୍ଯ୍ୟକର୍ତ୍ତାଙ୍କ ଉପରେ ଅସନ୍ତୋଷ ଝାଡ଼ିଲେ କର୍ମୀ

ମିଳୁଥିବାରୁ ଜିଲା କାର୍ଯ୍ୟକର୍ତ୍ତାଙ୍କ ଉପରେ ବରିଷ୍ଠ ନେତା ଲକ୍ଷ୍ମଣ ବାଗ ଅସନ୍ତୋଷ ପ୍ରକାଶ କରିଥିଲେ। ବିଲାଇସର୍ଡା ସରପଞ୍ଚ ସୁଶାନ୍ତ ଛତ୍ରିଆ କହିଥିଲେ ଯେ, ସାଧାରଣ ନିର୍ବାଚନ ଆସନ୍ନ। ନିର୍ବାଚନ ମଣ୍ଡଳୀରେ ଦଳର ବିଧାୟକ ଓ ଜିଲାରେ ଏମ୍‌ପି ଥାଇ ମଧ୍ୟ ପଞ୍ଚାୟତରେ ଉନ୍ନୟନ କାମ ହୋଇପାରୁନାହିଁ। ବ୍ଲକରେ ବିଜେଡି ଶାସନ ଚାଲିଥିବାରୁ ମନମାନୀ ଚାଲିଥିବା ଅଭିଯୋଗ କରିଥିଲେ। ଏମ୍‌ପି ଓ ବିଧାୟକ ଏଥିପ୍ରତି ଧ୍ୟାନ ଦେବାକୁ ସେ କହିଥିଲେ। ସେହିପରି ତୁଡୁକାର ମନୋଜ କୁମାର ପଟେଲ ଓ କୁଶଙ୍ଗର ଜ୍ୟୋର୍ତିମୟ ରାଉତ ମଣ୍ଡିରେ କଟନୀଛଟନୀ, ଚାଷୀ ମାରଣନୀତି ଏବଂ ଗତ ତ୍ରିସ୍ତରୀୟ ନିର୍ବାଚନରେ ଭାଜପାର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ବୁଥ ପ୍ରମୁଖଙ୍କୁ ଆର୍ଥିକ ସହାୟତା ଦେଲେ ଉତ୍ସାହ ସହ କାମ କରିବେ ବୋଲି ଜିଲା ପରିଷଦ ସଭ୍ୟ ଶିବଦତ୍ତ ମିଶ୍ର କହିଥିଲେ। ଏହି ଅବସରରେ ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧି ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସମ୍ପାଦକ ଶ୍ରୀବତ୍ସ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ନକୁଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ଡିଗ୍ରୀ କଲେଜରେ ପୋଷ୍ଟର ପ୍ରତିଯୋଗିତା

କଣ୍ଟାବାଞ୍ଜି, ୨୮।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଶନିବାର ପୁରୁଷ ହକି ବିଶ୍ୱକପ୍ ଅବସରରେ ପୋଷ୍ଟର ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ରାଜେନ୍ଦ୍ର ପୁରୋହିତ ଓ ଖବରଦାତା ମନୋଜ ଶର୍ମା ଶ୍ରେଷ୍ଠ ପାଞ୍ଚ ପୋଷ୍ଟରକୁ ଚୟନ କରିଥିଲେ। ପୋଷ୍ଟର ପ୍ରତିଯୋଗିତାରେ ଗୀତାଞ୍ଜଳି ସାହୁ ପ୍ରଥମ, ନେହା ଆସ୍ରାନ ଦ୍ୱିତୀୟ, କ୍ଷିତିଶୁଦ୍ଧା ମେହେର ତୃତୀୟ, ରଙ୍ଗୋଲିରେ ଶିତଲ ଶର୍ମା ପ୍ରଥମ, ଡୋଲେଶ୍ୱରି ସତନାମୀ ଦ୍ୱିତୀୟ, ରାଏବତୀ ବୁଡେକ ୩ୟ ହୋଇଥିଲେ। କୁଇଜରେ ଝରଣା ସିଂ ଠାକୁର ପ୍ରଥମ, ଅଳି ସିପକା ୨ୟ, ଚନ୍ଦ୍ରିକା ପ୍ରଧାନି ୩ୟ, ୱାଲ ପେଣ୍ଟିଙ୍ଗରେ ନେହା ଆସ୍ରାନି ୧ମ, ଡୋଲେଶ୍ୱରୀ ସତନାମୀ ୨ୟ, ଅଂଶିକା ପାଠକ ତୃତୀୟ ହୋଇଥିଲେ। ବିଶ୍ୱକପ୍ର ଫାଇନାଲ ଦିନ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ଅଧକ୍ଷ ପୁରୋହିତ କହିଥିଲେ। ଏହି ପ୍ରତିଯୋଗୀତାକୁ ମହାବିଦ୍ୟାଳୟର ଖେଳ ଶିକ୍ଷୟତ୍ରୀ ରଞ୍ଜୁ ବନଛୋର, ଅଧାପକ ଡଃ.ନେପାଲ ସେଠୀ, ସୋମନାଥ ମେହେର,ଯୁଧିଷ୍ଠିର ବେହେରା, ଜିତେନ୍ଦ୍ର ସୁନା, ରାଜୀବ ମେହେର, ଅଧାପିକା ସୁନନ୍ଦା ରଥ,କଲ୍ଯାଣି ମେହେର, ରଶ୍ମିରମିତା ମେହେର, ଲିପାନିତା ପଧାନ, ନିରବତା ପଧାନ, ସହ ଅନ୍ଯ ସମସ୍ତ କର୍ମଚାରୀ ସହଯୋଗ କରିଥିଲୋ

# ଢୋଲ ନିଶାନରେ ଦୁଲୁକିଲା ମଞ୍ଚ

ବୌଦ୍ଧ,୨୮।୧(ସ୍ୱ.ପ୍ର.)

ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକ ମୁଖ୍ୟାଳୟରେ ଆରମ୍ଭ ହୋଇଥିବା ହରଭଙ୍ଗା ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଶନିବାର ଥିଲା ଦ୍ୱିତୀୟ ଦିବସ। ହରଭଙ୍ଗା ଉଚ୍ଚ ବିଦ୍ୟାଳୟଠାରେ ଲୋକକଳା ଓ ସାଂସ୍କୃତିକ ପରିଷଦର ସଭାପତି ସୁବୋଧ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଏଥିରେ ଜିଲାପରିଷଦ ଅଧ୍ୟକ୍ଷ ପ୍ରଭାସିନୀ ଦାସ ମୁଖ୍ୟଅତିଥି ଓ କୁଶଙ୍ଗ ସରପଞ୍ଚ ଜିତେନ୍ଦ୍ର ବେହେରା, ଶଙ୍କୁଲୋଇ ସରପଞ୍ଚ ସୁଶ୍ରୀତା ଛନ୍ଦ, ହରଭଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରିୟନାଥ ଶର୍ମା, ଇଂ. ଆଶୁତୋଷ



ମହୋତ୍ସବରେ ସମ୍ବଲପୁରୀ ନୃତ୍ୟ ପରିବେଷଣ ।

ମହାପାତ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ ସାଙ୍ଗକୁ ସମ୍ବଲପୁରୀ ବାଦ୍ୟ ଢୋଲ, ନିଶାନ, ତାସାରେ ମଞ୍ଚ ଦୁଲୁକି ଉଠିଥିଲା। ଏଥିରେ ଢୋଲ ମହୁରୀ ବଲାଙ୍ଗୀର, କନ୍ଧମାଳ ବଉଳିର ସମ୍ବଲପୁରୀ ନୃତ୍ୟ ଓ

**ହରଭଙ୍ଗା ଲୋକ ମହୋତ୍ସବ ଦ୍ୱିତୀୟ ଦିବସ**

ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମୀନାବଜାର ସାଙ୍ଗକୁ ଷ୍ଟଲର ସୁସାଦ୍ୟ ଖାଦ୍ୟର ମଜା ନେଇଥିଲେ ଦର୍ଶକ। ମହୋତ୍ସବ କମିଟି ସଦସ୍ୟ ପ୍ରଫୁଲ୍ଲ ସାହୁ, ପ୍ରୀତିରଞ୍ଜନ ଦାସ, ବିକାଶ ବେହେରା, ଶୁଭଙ୍କର ପ୍ରଧାନ, ସୁରେଶ ନାଏକ, ଶ୍ରୀକାନ୍ତ ସେଠୀ, ଶ୍ରୀନିବାସ ସାହୁ, ମାନଭଞ୍ଜନ ନାଏକ, ପ୍ରଦୀପ ନାଏକ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ନଟବର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ପଞ୍ଚବଟୀ ଉଦ୍ୟାନ ଉଦ୍‌ଘାଟିତ

ସୋନପୁର,୨୮।୧(ନି.ପ୍ର.)

ସୁବର୍ଣ୍ଣପୁର ସହର ଉପକଣ୍ଠ ଝିଙ୍କିଠାରେ ନିର୍ମିତ ପଞ୍ଚବଟୀ ଉଦ୍ୟାନ ରାଜ୍ୟ ଜଙ୍ଗଲ, ପଞ୍ଚାୟତିରାଜ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଜିଲାବାସୀଙ୍କ ଚିତ୍ତ ବିନୋଦନ ପାଇଁ ବନବିଭାଗ ପକ୍ଷରୁ ୧୨.୫ହେକ୍ଟର ପରିମିତ ଅଞ୍ଚଳରେ ଏହି ଉଦ୍ୟାନ ପ୍ରତିଷ୍ଠା ହୋଇଛି । ସହର ନିକଟରେ ସହରାଞ୍ଚଳ ବନୀକରଣ ଯୋଜନାରେ ଏଭଳି ଉଦ୍ୟାନକୁ ଦେଖି ମନ୍ତ୍ରୀ ଅମାତ ବନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା କରିଥିଲେ। ବନବିଭାଗ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଏହି ସୁନ୍ଦର ଉଦ୍ୟାନ ପ୍ରତିଷ୍ଠା କରିଛି। ଉଦ୍ୟାନରେ ଅଁଳା, ନିମ୍ବ, କରଞ୍ଜ, ପଣସ, ଆମ୍ବ, ଫାସି, ଅଶୋକ, ନଡିଆ ଓ ଗମ୍ଭାରୀ ଭଳି ୩୮ ପ୍ରକାରର ପ୍ରାୟ ୨୦ ହଜାର ଗଛ ଲାଗିଛି। ଉଦ୍ୟାନରେ ଅଶୋକ ବାଟିକା, କୃତ୍ରିମ ଝରଣା, ସୀତା କୁଟୀର ସହିତ ହାତୀ, ଗଣେଶ, ରାମ, ଲକ୍ଷ୍ମଣ, ସୀତା, ହନୁମାନ, ଶିରିଡି ସାଇ, ବୁଦ୍ଧ ଓ ଦତ୍ତାତ୍ରେୟଙ୍କ ସିମେଣ୍ଟ ମୂର୍ତ୍ତି ନିର୍ମାଣ କରାଯାଇଛି। ସେହିପରି ପାଦ ଚଲା ରାସ୍ତା ସହ ଜିମ୍, ଶିଶୁଙ୍କ ପାଇଁ ଦୋଳି ଓ ଖେଳଣା ରହିଛି। ଆଗାମୀ ଦିନରେ ପିଲାଙ୍କ ଖେଳିବା ପାଇଁ ଟ୍ରେନ୍‌ର ବ୍ୟବସ୍ଥା କରାଯିବ। ପ୍ରାକ୍ତନ ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟଙ୍କ ଉଦ୍ୟମ କ୍ରମେ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୦୨୦-୨୦୨୧ ଆର୍ଥିକ ବର୍ଷରେ ଉଦ୍ୟାନର କାମ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲାପାଳ ଅବୋଲି ସୁନିଲ ନରୱଣେ, ଏସ୍‌ପି ଅମରେଶ କୁମାର ପଣ୍ଡା, ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ନୀତିଶ କୁମାର, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ମୁଖ୍ୟ ଉନ୍ନୟନ ସହକାରୀ ନିହାର ରଞ୍ଜନ କହଁର, ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ସହକାରୀ ବନସଂରକ୍ଷକ ପ୍ରଫୁଲ୍ଲ କୁମାର ଧରୁଆ, ସୋନପୁର ବନକ୍ଷେତ୍ରାଧିକାରୀ ମନୋରଞ୍ଜନ ବାଘ ଓ ବନପାଳ ଦେବରାଜ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଉଦ୍ୟାନକୁ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ଆଇନ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ,୨୮।୧(ସ୍ୱ.ପ୍ର.):** ତାଲୁକ ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ହରଭଙ୍ଗା କୋର୍ଟ ପରିସରରେ ଶନିବାର କିନ୍ନରମାନଙ୍କ ସାମ୍ବିଧାନିକ ଅଧିକାର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ତଥା ହରଭଙ୍ଗା ତାଲକୁ ଆଇନସେବା କମିଟି ଅଧକ୍ଷ ଶୁଭଙ୍କର ମହାନ୍ତି ଅଧକ୍ଷତା କରି କିନ୍ନରମାନଙ୍କ ଅଧିକାର ଓ ସୁରକ୍ଷା ପାଇଁ ବିଭିନ୍ନ ଅଧିନିୟମ ଉପରେ ଆଲୋଚନା କରିଥିଲେ। କିନ୍ନରମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ନେବାକୁ କହିଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ଅକ୍ଷୟ କୁମାର ସାହୁ, ସରକାରୀ ଓକିଲ ଦିଲିପ ଧଳ, ଅଜିତ ପରିଡାଙ୍କ ସମତେ କିନ୍ନରମାନେ ଯୋଗଦେଇଥିଲେ।

### ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

**ବୌଦ୍ଧ,୨୮।୧(ସ୍ୱ.ପ୍ର.):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମାଷ୍ଟର ଟ୍ରେନର ସନ୍ଧ୍ୟାରାଣୀ ସାହୁ, ସ୍ୱାଗତିକା ମହାକୁଡ, ପ୍ରିତିସ୍ୱରୂପା ଭୋକ୍ତା ଯୋଗଦେଇ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ଦୃଢ଼ ରହିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ପ୍ରବୀର କୁମାର ଦାସ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଏଥିରେ ୧୪୫ଜଣ ଛାତ୍ରୀ ଯୋଗଦେଇଥିଲେ।

### ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନଟବର ପ୍ରଧାନଙ୍କ ସ୍ତ୍ରୀଙ୍କ ପରଲୋକ

**ବୌଦ୍ଧ,୨୮।୧ (ସ୍ୱ.ପ୍ର.):** ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନଟବର ପ୍ରଧାନଙ୍କ ସ୍ତ୍ରୀ ତଥା



ବର୍ତ୍ତମାନର ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କ ଶାଶୁ ଗିରିଶବାଳା ପ୍ରଧାନଙ୍କ ଶନିବାର ପରଲୋକ ଘଟିଛି। ତାଙ୍କୁ ୯୨ବର୍ଷ ହୋଇଥିଲା। ଖବର ପାଇ ଆଇନଜୀବୀ ଅଚ୍ୟୁତାନନ୍ଦ ମିଶ୍ର, ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ଓକିଲ ସଂଘ ସଭାପତି ତାରେଣି ମହାପାତ୍ରଙ୍କ ସମେତ ବଣିକ ସଂଘ ସଭାପତି ସୁବାସ ଚନ୍ଦ୍ର ସାହୁ ଓ ପ୍ରଶାସନ ପକ୍ଷରୁ ଉପଜିଲାପାଳ ରବୀନ୍ଦ୍ର ନାଥ କହଁର ତାଙ୍କ ବାସଭବନ ଯାଇ ଶେଷ ଦର୍ଶନ କରିଥିଲେ। ଅନ୍ତ୍ୟେଷ୍ଟି ପାଇଁ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ପୁଅ ସାକ୍ଷୀଗୋପାଳ ପ୍ରଧାନ ମୁଖାଗ୍ନି ଦେଇଥିଲେ।

# ସେମିଫାଇନାଲ ଲାଇନ ଅପ୍ ଚୂଡ଼ାନ୍ତ



ଉଦ୍‌ଘାଟନୀ ମ୍ୟାଚର ଅତିଥି ଓ ଉଭୟ ଦଳର ଖେଳାଳି।

**ଆନ୍ତଃରାଜ୍ୟ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ଅମରପାଲି,୨୮।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ସ୍ଥାନୀୟ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୬ଷ୍ଠ ଆନ୍ତଃରାଜ୍ୟ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଏବଂ ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ବିଡିଓ ମୋତିଲାଲ ସୁଲିଆ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।ଉଦଘାଟନୀ ମ୍ୟାଚ ବୀରମହାରାଜପୁର ଓ ବଲାଙ୍ଗୀର ମଧ୍ୟରେ ହୋଇଥିଲା। ଏଥିରେ ବୀରମହାରାଜପୁର ୨-୦ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ ବୌଦ୍ଧ ଓ ମହୁଲପାଲି(ବରଗଡ) ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ରହିବାରୁ ଟ୍ରାଇବ୍ରେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ବୌଦ୍ଧ ୨-୧ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳଭାବେ ସେମିରେ ପ୍ରବେଶ କରିଛି। ତୃତୀୟ ମ୍ୟାଚ ବି.ଏସ.ସି କଦଳିପାଲି(ବିନିକା) ଓ ଫୁଲବାଣୀ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଗୋଲଶୂନ୍ୟ ରହିବାରୁ ଟାଇବ୍ରେକରରେ ଫୁଲବାଣୀ ୩-୦ଗୋଲରେ ବିଜୟୀ ହୋଇ ତୃତୀୟ ଦଳ ଭାବେ ସେମିରେ ପ୍ରବେଶ କରିଛି। ଚତୁର୍ଥ ମ୍ୟାଚ ସମ୍ବଲପୁର ଓ ସୋନପୁର ମଧ୍ୟରେ ହୋଇଥିଲା। ଏଥିରେ ସମ୍ବଲପୁର ୧-୦ଗୋଲରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ରବିବାର ପ୍ରଥମ ସେମିଫାଇନାଲ ବୀରମହାରାଜପୁର ଓ ଫୁଲବାଣୀ ମଧ୍ୟରେ ଏବଂ ଦ୍ୱିତୀୟ ସେମିଫାଇନାଲ ବୌଦ୍ଧ ଓ ସମ୍ବଲପୁର ମଧ୍ୟରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ । ପ୍ରଥମ ମ୍ୟାଚରେ ବୀରମହାରାଜପୁର ଏସ୍‌ଡିପିଓ ଡୋଲାମଣୀ ଭୋଇ, ଆୟୋଜକ କମିଟି ସଭାପତି ପର୍ଶୁରାମ ଦେହୁରୀ, କୋଷାଧ୍ୟକ୍ଷ ଅଜିତ ନାଏକ, ଦ୍ୱିତୀୟ ମ୍ୟାଚରେ ବୀରମହାରାଜପୁର ଥାନାର ଧିରେନ ବିଶ୍ୱାଳ, ଆୟୋଜକ ସମ୍ପାଦକ ସତ୍ୟନାରାୟଣ ମହାକୁର, ତୃତୀୟ ମ୍ୟାଚରେ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର ପତି ଏବଂ ଚତୁର୍ଥ ମ୍ୟାଚରେ ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ସଂଯମୁନାଥ ଖଣ୍ଡଗିରୀ ଓ ଆଇନଜୀବୀ ଶ୍ରୀନିବାସ ଚାନ୍ଦ ଅତିଥି ଭାବେ ଯୋଗଦେଇଥିଲେ।

# ସଘନ ପଦ୍ଧତିରେ ଆମ୍ବଚାଷ ପାଇଁ ପ୍ରଶିକ୍ଷଣ

ସୋନପୁର,୨୮।୧(ନି.ପ୍ର.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକରେ ସଘନ ପଦ୍ଧତିରେ ତୋତାପୁରି ଆମ୍ବଚାଷ ପାଇଁ ପ୍ରଶିକ୍ଷଣ ଶିବିର ସୋନପୁର କୃଷି ବିଜ୍ଞାନ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ କଣ୍ଟାମାଳ ବ୍ଲକ ଅଞ୍ଚଳର ଶତାଧିକ ଆମ୍ବ ଚାଷୀ ଯୋଗ ଦେଇଥିଲେ । ସ୍ୱଦେଶୀ ଓ ଅନନ୍ୟା ଅନୁଷ୍ଠାନ ପକ୍ଷରୁ ଦି କୋକାକୋଲା ଫାଉଣ୍ଡେସନ ସହଯୋଗରେ ଉନ୍ନତି-ଅମ୍ରିତ୍ ପ୍ରକଳ୍ପ ମାଧ୍ୟମରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଉନ୍ନତି-ଅମ୍ରିତ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ କୁମାର ପାଣିଗ୍ରାହୀ ଶିବିରରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ କୋକାକୋଲା ଫାଉଣ୍ଡେଶନର ସାଧାରଣ ପରିଚାଳକ ଡ. ଆଦିତ୍ୟ ପ୍ରତାପ ପଣ୍ଡା ଯୋଗଦାନ କରିଥିଲେ। ଡ. ପଣ୍ଡା ତାଙ୍କ ବକ୍ତବ୍ୟରେ ତୋତାପୁରି ଆମ୍ବ ଚାଷ ପାଇଁ ପ୍ରୋତ୍ସାହନ ଓ ବଜାରରେ ଚାହିଦା ବୃଦ୍ଧି ପାଇଁ ଫାଉଣ୍ଡେଶନ ପ୍ରତିଜ୍ଞାବଦ୍ଧ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅନନ୍ୟାର ଉପଦେଷ୍ଟା ଅମରେଶ୍ୱର ମିଶ୍ର, ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ ଓ ବିଶେଷଜ୍ଞଭାବେ ବୈଜ୍ଞାନିକ ଡ. ତ୍ରିନାଥ ଖଣ୍ଡାୟତରାଏ ଓ ଗୀତାଞ୍ଜଳି ପ୍ରଧାନ ଯୋଗଦାନ କରିଥିଲେ। ସଘନ ପଦ୍ଧତିରେ ଆମ୍ବ ଚାଷ ପାଇଁ ମୃତ୍ତିକା, ଜଳବାୟୁ, ଜଳସେଚନ, ଅନ୍ତଃ ଫସଲ, ରୋଗ ପୋକ ଓ ଅମଳ ବିଷୟରେ ଆଲୋଚନା କରିଥିଲେ। ପରେ ଆଗ୍ରହୀ ଆମ୍ବଚାଷୀ ଓ ବୈଜ୍ଞାନିକଙ୍କ ମଧ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରକଳ୍ପ ସଂଯୋଜକ ଅବିନାଶ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଅନନ୍ୟାର ଜିଲା ସଂଯୋଜକ ଜ୍ୟୋତିରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବ୍ଲକ ସଂଯୋଜକ ଅନିଲ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବିଶେଷଜ୍ଞ କମିଟିର ଉପକାରାଗାର ପରିଦର୍ଶନ

ସୋନପୁର,୨୮।୧(ନି.ପ୍ର.)

ଓଡିଶା ସରକାରଙ୍କ ଗୃହ ବିଭାଗ ଦ୍ୱାରା ମନୋନୀତ ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ବିଭାଗର ବିଶେଷଜ୍ଞ କମିଟି ଶନିବାର ସୋନପୁର ଉପକାରାଗାର ପରିଦର୍ଶନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା କୁମୁଦିନୀ ମୁଦୁଲିଙ୍କ ତତ୍ତ୍ୱାବଧାନରେ ବିଶେଷଜ୍ଞ କମିଟିର ସଭ୍ୟ ପ୍ରଫେସର ନୀଳାମ୍ବର ଶତପଥୀ, ଅବକାଶ ମିଶ୍ର, ରାଜୀବ ଲୋଚନ ଗୁରୁ, ହେମନ୍ତ କୁମାର ସା, ଜିଲା ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ କାରାଗାର ପରିଦର୍ଶନରେ ଯାଇଥିଲେ। ବିଶେଷଜ୍ଞ କମିଟି ଅନ୍ତେବାସୀଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କମିଟିର ପରିଦର୍ଶନ ସମୟରେ ଆଇନ ସହ ଦ୍ୱନ୍ଦ୍ୱରେ କୌଣସି ଶିଶୁ କାରାଗାରରେ ନଥିବା ସ୍ପଷ୍ଟ ହୋଇଥିଲା। ଉକ୍ତ ପରିଦର୍ଶନ ସମୟରେ ଉପକାରାଗାରର ଅଧୀକ୍ଷକ ଡିଲେଶ୍ୱର ଜେନା କମିଟିକୁ ସହଯୋଗ କରିଥିଲେ।




ସୋନପୁର ଉପକାରାଗାର ସମ୍ମୁଖରେ ବିଶେଷଜ୍ଞ କମିଟିର ସଭ୍ୟ ବୃନ୍ଦ।

# ଏକାଗ୍ରତା ଲକ୍ଷ୍ୟସ୍ଥଳରେ ପହଞ୍ଚାଏ

**ଖଣ୍ଡହତା ହାଇସ୍କୁଲର ବାର୍ଷିକ ଉତ୍ସବ**

ଅମରପାଲି,୨୮।୧(ଡି.ଏନ.ଏ)

ବଡ ମଣିଷ ହେବାକୁ ଚେଷ୍ଟା କରିବା ସହିତ ଭଲ ମଣିଷ ହେବାକୁ ପ୍ରୟାସ କର। ଭଲ ମଣିଷ ଏକ ପ୍ରତିଷ୍ଠିତ ଜୀବନ ଯାପନ କରିବାର ସୁଯୋଗ ଦେଇଥାଏ। ଏଥିପାଇଁ କଠିନ ପରିଶ୍ରମ ଆବଶ୍ୟକ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଛାତ୍ରୀଛାତ୍ର ସଂଯତ ହେବା ଆବଶ୍ୟକ। ତେଣୁ ଛାତ୍ରୀଛାତ୍ରମାନେ ଏକାଗ୍ରତା, ମନଯୋଗ ଓ ସମୟାନୁବର୍ତ୍ତିତା ହେବା ଜରୁରୀ। ସୁବର୍ଣ୍ଣପୁର ଜିଲା ବୀରମହାରଜପୁର ବ୍ଲକ ଖଣ୍ଡହତାସ୍ଥିତ ଇନ୍ଦିରାଗାନ୍ଧୀ ହାଇସ୍କୁଲର ବାର୍ଷିକ ଉତ୍ସବରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଏହି ପରାମର୍ଶ ଦେଇଛନ୍ତି। ପ୍ରଧାନଶିକ୍ଷକ ଅଖୋଜ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ଜୟଶ୍ରୀ ଦେହୁରୀ, ସମିତି ସଭ୍ୟା ତନୁଜା ରଣବଂଶୀଆ, ମୋ ସ୍କୁଲ ଅଭିଯାନ କମିଟି ସଭାପତି ରତ୍ନାକର ପଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ସନ୍ତୋଷ କୁମାର ରଥ ସଭା ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତି ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ଏହା ସହିତ ବାଳିକା ବିଭାଗରୁ ନବମ ଶ୍ରେଣୀର ଛାତ୍ରୀ ପାୟଲ ନାଏକ ଓ ବାଳକ ବିଭାଗରୁ ଦଶମ ଶ୍ରେଣୀର ଛାତ୍ର ସୁବ୍ରତ ପାଣ୍ଡେଙ୍କୁ ଚାମ୍ପିୟନ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ରାଘବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ପରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ରଣଜିତ ମିଶ୍ର,ଉଜ୍ଜ୍ୱଳ ଚନ୍ଦ୍ର ପଧାନ,ବ୍ରଜଗୋପାଳ ମହାପାତ୍ର ଓ ନାରାୟଣ ରଥ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଖଣ୍ଡହତା ହାଇସ୍କୁଲରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଅଷ୍ଟପ୍ରହର ନାମଯଜ୍ଞ

ବାଉଁଶୁଣୀ, ୨୮।୧(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ସୋନପୁରିଆ ପଡାରେ ଶନିବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାଭାବେ ଜୟପ୍ରକାଶ ମେହେର କାର୍ଯ୍ୟ ତୁଲାଇଥିଲେ। ସକାଳୁ ସୋନପୁରିଆପଡା ଗ୍ରାମବାସୀ ମହାନଦୀରୁ ପୂର୍ଣ୍ଣ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ସୋନପୁରିଆପଡା କିର୍ତ୍ତନ୍ୟ ମଣ୍ଡଳୀ ଅଧିବାସ କରିଥିଲେ । ଏଥିରେ ୨୦ କିର୍ତ୍ତନ୍ୟ ମଣ୍ଡଳୀ ଯୋଗଦେବେ ବୋଲି କମିଟି ସଭାପତି କହିଛନ୍ତି।

# ପରିବେଶ ସୁରକ୍ଷା ଅଭିଯାନ

ବିନିକା, ୨୮।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବାଳକ ଉଚ୍ଚ ବିଦ୍ୟାଳୟରେ ମହାନଦୀ ଯୁବ ସଂଗଠନ ପକ୍ଷରୁ ଶନିବାର ପରିବେଶ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଧାନଶିକ୍ଷକ ନୀଳାଚଳ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସିଏମଏମ ଉମାକାନ୍ତ ସି, ମୁଖ୍ୟବକ୍ତା ମହାନଦୀ ଯୁବ ସଂଗଠନ ପ୍ରତିଷ୍ଠାତା କ୍ଷୀର ସାଗର ବିଭାର, ସମ୍ମାନୀତ ଅତିଥିଭାବେ କାଉନସିଲର ବିଜୟ ବରାଇ, ଶିକ୍ଷୟିତ୍ରୀ ଅଙ୍କାସ୍ୟା ସୁବୁଦ୍ଧି, ସସ୍ମିତା ବିଶି, ସୁନିତା ବିଶି, ପ୍ରକାଶ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପରିବେଶ ପ୍ରଦୂଷଣ ରୋକିବାକୁ ହେଲେ ଜଳ ଓ ଜଙ୍ଗଲ ସଂରକ୍ଷଣ ସହ ପଲିଥିନ ବର୍ଜନ ଉପରେ ବକ୍ତବ୍ୟ ରଖିଥିଲେ। ଅଶୋକ ମିର୍ଦ୍ଧା ମଞ୍ଚ ପରିଚାଳନା କରିଥିଲେ। କୃଷ୍ଣଚନ୍ଦ୍ର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# କଠିନ ପରିଶ୍ରମ ଉତ୍କର୍ଷତାକୁ ପ୍ରୋତ୍ସାହିତ କରେ

**କଳାପଥର କଲେଜରେ ଶିକ୍ଷକ -ଅଭିଭାବକ ବୈଠକ**

ଅମରପାଲି,୨୮।୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥର ସ୍ଥିତ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ନିଜ ବକ୍ତବ୍ୟରେ କଲେଜର ନିତି ନିୟମ ଓ ଶୃଙ୍ଖଳାକୁ ଉପସ୍ଥାପନା କରିଥିଲେ। ସଠିକ ନିର୍ଣ୍ଣୟ ଏବଂ କଠିନ ପରିଶ୍ରମ ମାଧ୍ୟମରେ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିହେବ ବୋଲି କହିଥିଲେ। ଶିକ୍ଷାର୍ଥୀମାନଙ୍କୁ ଉତ୍କୃଷ୍ଟ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଚେଷ୍ଟା କରାଯାଉଛି ବୋଲି ଅଧ୍ୟାପକମାନେ ମତ ରଖିଥିଲେ। ଶିକ୍ଷା ବିଭାଗର ଅଧ୍ୟାପକ କିଶୋର କୁମାର ସାହୁ ଶିକ୍ଷାର୍ଥୀମାନଙ୍କ ପରୀକ୍ଷା ପଦ୍ଧତି, ପାଠପଢା ଏବଂ କ୍ୟାରିୟର୍ କାଉନସେଲିଂ ଉପରେ ଆଲୋକପାତ କରିଥିଲେ। ଶିକ୍ଷାର୍ଥିର ପାଠପଢାରେ ଅଭିଭାବକଙ୍କ ଭୂମିକା ଉପରେ ମଧ ଗୁରୁତ୍ୱାରୋପ କରାଯାଇଥିଲା। ଅଧ୍ୟାପିକା ପ୍ରତିମା ବାରିକ ଶିକ୍ଷାର୍ଥୀମାନଙ୍କ ବାର୍ଷିକ ଉପସ୍ଥାନ,ରେଗିଙ୍ଗ ମୁକ୍ତ ପରିସର ଓ ଛାତ୍ରମେଧାବୃତ୍ତି ବିଷୟରେ ଆଲୋଚନା କରିଥିଲେ। ଉକ୍ତ ସଭାରେ ପ୍ରାୟ ୯୫ରୁ ଅଧିକ ଅଭିଭାବକ ଯୋଗ ଦେଇଥିଲେ। ଅନୁଷ୍ଠାନ ଓ ଶିକ୍ଷାର୍ଥୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଅଭିଭାବକମାନଙ୍କଠାରୁ ମତ ଗ୍ରହଣ କରାଯାଇଥିଲା । ଅଧ୍ୟାପିକା ଦେବଯାନୀ ମେଶୁଆ ସଭାକୁ ସଂଯୋଜନା କରିଥିଲେ।




କଳାପଥର କଲେଜରେ ଅବିଭାବକ -ଶିକ୍ଷକ ବୈଠକରେ ମଞ୍ଚାସୀନ ଅତିଥି।

# ଇନଟ୍ରା କ୍ଲବ ସିନିୟର କ୍ରିକେଟ: ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ଚାମ୍ପିୟନ

**ଓସିଏ ଭିଜନ ୨୦୨୪**

ବାଉଁଶୁଣୀ, ୨୮।୧(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ହାଇସ୍କୁଲ ପଡିଆରେ ଗତ ଜାନୁଆରୀ ୧୨ ତାରିଖରୁ ଆରମ୍ଭ ହୋଇଥିବା ଇନଟ୍ରାକ୍ଲବ ସିନୟର କ୍ରିକେଟ ଟର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ଓ ଭୈରବୀ କ୍ଲବ ପୁରୁଣାକଟକ ମଧ୍ୟରେ ହୋଇଥିଲା। ଫାଇନାଲ ମ୍ୟାଚରେ ଭୈରବୀ କ୍ଲବ ପୁରୁଣାକଟକ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ୨୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୭ ରନ କରିଥିଲା। ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂର ଭି. ଭାଣ୍ଡେ ଓ ରଜନୀଶ ଯାଦବ ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ୨୧.୩ ଓଭରରେ ୨ ଉଇକେଟ ବିନିମୟରେ ୧୫୨ ରନ କରି ବିଜୟୀ ହୋଇଥିଲା । ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂର ଭି. ଭାଣ୍ଡେ ୩୭ ବଲରୁ ୬୭ ରନ ଓ ହେମନ୍ତ ଚମ୍ପତି ୨୭ ବଲରୁ ୫୮ ରନ କରିଥିଲେ। ଭୈରବୀ କ୍ଲବର ମୁକେଶ ପଟ୍ଟନାୟକ ଓ ଅଂଶୁମାନ ନାଏକ ଉଭୟେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ । ବାଉଁଶୁଣୀ ଲିଟିଲ ମାଷ୍ଟର ସ୍ପୋର୍ଟସ କ୍ଲବର ସଦସ୍ୟମାନେ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ଫାଇନାଲ ମ୍ୟାଚରେ ଅତିଥିଭାବେ ଜିଲା କ୍ରିକେଟ ଆସୋସିଏଶନ ସଭାପତି ନିରଞ୍ଜନ ମେହେର, କାର୍ଯ୍ୟକାରୀ କମିଟି ସଦସ୍ୟ ଦିବ୍ୟଶଙ୍କର ରାଉତ, ଅଜିତ କୁମାର ଦେହୁରୀ, ଆଶୁତୋଷ ଦାଶ, କୋଷାଧ୍ୟକ୍ଷ ଭବେଶ କୁମାର ଯୋଶୀ ଯୋଗ ଦେଇଥିଲେ । ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ମ୍ୟାନ ଅଫ ଦି ସିରିଜ, ମ୍ୟାନ ଅଫ ଦି ମ୍ୟାଚ, ବେଷ୍ଟ ବ୍ୟାଟ୍ସ ମ୍ୟାନ ଭାବେ ଭି. ଭାଣ୍ଡେ ଓ ବେଷ୍ଟ ବୋଲର ଭାବେ ମୁକେଶ ପଟ୍ଟନାୟକଙ୍କୁ ପୁରସ୍କୃତ କରାଯାଇଥିଲା ।




ଟ୍ରଫି ସହ ଚାମ୍ପିୟନ ଦଳ ଖେଳାଳି।

## ମନ୍ଦିର ପ୍ରତିଷ୍ଠା ଉତ୍ସବରେ ରାମଲୀଳା

ପଡିଆବାହାଲ,(ଡି.ଏନ.ଏ.): ଯୁଯୁମୁରା ବ୍ଲକ ହିରୋ ଗ୍ରାମଠାରେ ହନୁମାନ ମନ୍ଦିର ପ୍ରତିଷ୍ଠା ଅବସରରେ ଶୁକ୍ରବାରଠାରୁ ରାମଲୀଳା ଆରମ୍ଭ ହୋଇଛି। ବରଗଡ ଜିଲା ଚିଚିଣ୍ଡାର କଳାକାର ରାବଣ, ରାମ, ହନୁମାନ, ସୀତା ଭୂମିକାରେ ଅଭିନୟ କରୁଛନ୍ତି। ପ୍ରତିଷ୍ଠା ଉତ୍ସବର ଶନିବାର ଦ୍ୱିତୀୟ ଦିବସ ରାମଲୀଳାରେ ସୀତା ବନବାସ ଓ ଜଟାୟୁ ନିଧନ ପରେ ରାବଣଙ୍କ ସିଂହାସନ ଆରୋହଣ ହୋଇଥିଲା। ଏହା ପୂର୍ବରୁ ରାମ, ସୀତା ଓ ଲକ୍ଷ୍ମଣ ନଗର ପରିକ୍ରମା କରିଥିଲେ। ଭାଜପା ଜିଲା ସଭାପତି ଗିରିଶ ପଟେଲ ଅତିଥି ଭାବେ ଯୋଗଦେଇଥିଲେ ।

## ସଂକ୍ଷେପରେ

### ଚନ୍ଦନିମାଳ ହାଇସ୍କୁଲର ବାର୍ଷିକ ଉତ୍ସବ

**କୁଚିଣ୍ଡା,୨୮।୧(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ଚନ୍ଦନିମାଲ ହୀରାଧର ଯୁବକ ସଂଘ ହାଇସ୍କୁଲରେ ଶନିବାର ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ କମଳ ଲୋଚନ ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ସମ୍ବଲପୁର ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ଡ. ମୂରଲିଧର ବେହେରା ମୁଖ୍ୟବକ୍ତା, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲାପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, ଅତିରିକ୍ତ ବିଡିଓ ଗୌରାଙ୍ଗ ଚରଣ କୁସୁମ, ସମିତିସଭ୍ୟା ସଞ୍ଜୁକ୍ତା ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବେହେରା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଦିପ୍ତିରାଣୀ ନାୟକଙ୍କ ସଂଯୋଜନାରେ ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ୫ ଟି ହାଇସ୍କୁଲ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ସାମାଜିକ ଅନୁଷ୍ଠାନ ପକ୍ଷରୁ ସ୍କୁଲ, ଜେଲକୁ ବେଞ୍ଚ ପ୍ରଦାନ

**ସମ୍ବଲପୁର,୨୮।୧(ବ୍ୟୁରୋ):** ସମ୍ବଲପୁର ଧନକଉଡା ସ୍କୁଲ ଓ ମଣ୍ଡଳ କାରଗାରକୁ ସାମାଜିକ ଅନୁଷ୍ଠାନ ବାଲକ୍ରିଷ୍ଣା ପଟ୍ଟୱାରୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବେଞ୍ଚ ପ୍ରଦାନ କରାଯାଇଛି। ସ୍କୁଲରେ ବେଞ୍ଚ ପ୍ରଦାନ ସମୟରେ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ, ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ବାତୁଲା ଗଙ୍ଗାଧର ଉପସ୍ଥିତ ଥିଲେ। ସେହିପରି ମଣ୍ଡଳ କାରାଗାରରେ ବେଞ୍ଚ ଦେବା ସମୟରେ ଏଡିଏମ୍ ଅଜାମ୍ବର ମହାନ୍ତି, ଡେପୁଟି କଲେକ୍ଟର ଆଦିତ୍ୟ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଅନୁଷ୍ଠାନର ସଭାପତି ଅରୁଣ ପଟ୍ଟୱାରୀ କହିଛନ୍ତି, ସମାଜରେ ନିଜର ଦାୟିତ୍ୱ ନିର୍ବାହ ପାଇଁ ଏଭଳି ପ୍ରୟାସ କରାଯାଉଛି। ଆଗାମୀ ଦିନରେ ଏହା ଜାରି ରହିବ ବୋଲି କହିଥିଲେ ।

### ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ସମ୍ବଲପୁର,୨୮।୧ (ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଦାନିପାଲିରେ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡ. ଗୋରୀ ଦାସ ପ୍ରଧାନ ପରିଚାଳନା କରିଥିଲେ। ଦେବାଶିଷ ପ୍ରଧାନ, ପ୍ରଦୀପ ସାହୁ ଓ ସୁପ୍ରଭା ପ୍ରଧାନ, ସଭାପତି ଯଶୋବନ୍ତି ନାୟକ, ସାଧାରଣ ସମ୍ପାଦକ ଦେବତ୍ତମ ପ୍ରଧାନ, ଉପସଭାପତି କୃପାସିନ୍ଧୁ ଖମାରୀ, ବରିଷ୍ଠ ସଦସ୍ୟ ଜଟା ଭୂଷଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସକାଳ ୯ଟାରୁ ଦେବତା ଆବାହନ, ନୀତିସ୍ତମ୍ଭ ପୂଜା, ତୋରଣ, ଧ୍ୱଜା, ସୂତ୍ର ବେଷ୍ଟନ, ଲକ୍ଷ୍ମୀ ନାରାୟଣ, ଚଉଷଠି ଯୋଗିନୀ, ନବ ଗ୍ରହ, ଦିଗପାଳ, ଦେବଦେବୀ ସ୍ନାନ, ଦେବତାଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥିଲା। ରବିବାର ଦେବଦେବୀଙ୍କ ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଏହି ଅବସରରେ କୁଲତା ସମାଜର ବାର୍ଷିକ ମୁଖପତ୍ର କୁଳ ପ୍ରତିଭା ଉନ୍ମୋଚିତ ହୋଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଗଣତାନ୍ତ୍ରିକ ରାଷ୍ଟ୍ରରେ ନ୍ୟାୟପାଳିକାର ନିରପେକ୍ଷତା ଜରୁରୀ

**ସମ୍ବଲପୁର,୨୮।୧(ବ୍ୟୁରୋ)**


ଜୟନ୍ତୀ ସମରୋହ ଓ ଜାତୀୟ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରର ସୁଶାସନ ପାଇଁ ନ୍ୟାୟପାଳିକାର ନିରପେକ୍ଷତା ଅତ୍ୟନ୍ତ ଜରୁରୀ । ଦେଶର ସମ୍ବିଧାନରେ ନ୍ୟାୟପାଳିକାର ସ୍ୱାଧୀନତାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ସ୍ୱାଧୀନତାର ଅମୃତ ମହୋତ୍ସବ କାଳରେ ସରକାର ନ୍ୟାୟପାଳିକାର କାର୍ଯ୍ୟଧାରା ଉପରେ ପ୍ରଶ୍ନ ଉଠାଇବା ଅତ୍ୟନ୍ତ ନିନ୍ଦନୀୟ। ଜନସ୍ୱାର୍ଥ ମାମଲାରେ ବିଚାରପତିମାନଙ୍କ ଯୁଗାନ୍ତକାରୀ ରାୟ ଦେଶରେ ସୁଶାସନ ପ୍ରତିଷ୍ଠା କରିବାରେ ବେଶ ସହାୟକ ହୋଇଥିବା ଅନେକ ଉଦାହରଣ ରହିଛି। ବିଚାର ପ୍ରକ୍ରିୟାକୁ ପ୍ରଭାବିତ କରିବାର ଅପଚେଷ୍ଟା କରାଗଲେ ତାକୁ ଦୃଢ ହସ୍ତରେ ଦମନ କରିବାର ଆବଶ୍ୟକତା ରହିଛି। ଆଇନର ଶାସନ ପ୍ରତିଷ୍ଠା ପାଇଁ ନ୍ୟାୟପାଳିକାର ନିର୍ଦ୍ଦିଷ୍ଟ ସୀମା ନିର୍ଦ୍ଧାରିତ ରହିବା ଉଚିତ। ସମ୍ବିଧାନର ଆଢୁଆଳରେ ଉଭୟ ସରକାର ଓ ନ୍ୟାୟପାଳିକାର ସ୍ୱେଚ୍ଛାଚାର ଉନ୍ନତ ରାଷ୍ଟ୍ର ନିର୍ମାଣରେ ପ୍ରତିବନ୍ଧକ ସାଜିବ ବୋଲି ଏଲ୍.ଆର୍. ଆଇନ କଲେଜ ପରିସରରେ ଆୟୋଜିତ ପଞ୍ଜାବ କେଶରୀ ଲାଲା ଲଜପତ ରାୟଙ୍କ ୧୫୯ତମ ଜୟନ୍ତୀ ଅବସରରେ ଅନୁଷ୍ଠିତ ସୁଶାସନରେ ନ୍ୟାୟପାଳିକାର ଭୂମିକା ଶୀର୍ଷକ ଜାତୀୟ ଆଲୋଚନାଚକ୍ରରେ ମତପ୍ରକାଶ ପାଇଥିଲା।

ଏଲ୍.ଆର୍. ଆଇନ କଲେଜ ଓ ଲୋକସେବକ ମଣ୍ଡଳର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ କଲେଜ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରା ପୌରୋହିତ୍ୟ କରିଥିଲେ। ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ଡ. ମହାଦେଓ ଜୟସ୍ୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପନିବେଶବାଦୀ କାର୍ଯ୍ୟଶୈଳୀରୁ ନ୍ୟାୟପାଳିକା ଦୂରେଇ ଯିବାର ସମୟ ଆସିଛି ବୋଲି ମତବ୍ୟକ୍ତ କରିଥିଲେ। ଏହାଛଡା ଲାଲା ଲଜପତ ରାୟଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ କାର୍ଯ୍ୟ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଡ. ସଂଯୁକ୍ତା ଦାସ, କୁଳସଚିବ ନୃପରାଜ ସାହୁ ଓ ଲୋକସେବକ ମଣ୍ଡଳ ସମ୍ବଲପୁର ଶାଖା ସମ୍ପାଦକ ରଘୁନାଥ ମିଶ୍ର ଯୋଗଦେଇ ଲାଲା ଲଜପତ ରାୟଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ଆମ ସମସ୍ତଙ୍କର ଧ୍ୟେୟ ବୋଲି କହିଥିଲେ। ଛତିଶଗଡ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟର ଆଇନ ବିଭାଗ ମୁଖ୍ୟ ଡ. ବେଣୁଧର ରାଉତିଆ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ସହକାରୀ ପ୍ରଫେସର ଲକ୍ଷ୍ମୀକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ ଓ ଅନ୍ୟତମ ସହକାରୀ

**ଲାଲା ଲଜପତ ରଏଙ୍କ ଜୟନ୍ତୀ ଅବସରରେ ଜାତୀୟ ଆଲୋଚନାଚକ୍ର**

ପ୍ରଫେସର ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଦେଇଥିଲେ। ଏହାପରେ ଅବସରପ୍ରାପ୍ତ ଆଇନ ପ୍ରଫେସର ଶ୍ରୀକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଷୟିକ ଅଧିବେଶନ ହୋଇଥିଲା। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗର ଡ. ପ୍ରୟାସ ଡନସେନା, ଛତିଶଗଡ ସରକାରୀ ଆଇନ କଲେଜର ପ୍ରଫେସର ବି.ପି. ଯାଦବ ଓ ରାୟପୁର ଡି.ପି. କଲେଜର ଆଇନ ବିଭାଗ ମୁଖ୍ୟ ପ୍ରଫେସର ନବୀ ଖାନ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ କଲେଜର ୧୫ ଛାତ୍ରୀଛାତ୍ର ନିବନ୍ଧ ପାଠ କରିଥିଲେ। ପ୍ରାରମ୍ଭରେ କଲେଜ ପରିସରରେ ଥିବା ଲାଲା ଲଜପତ ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅଧ୍ୟବସାୟ ଛାତ୍ରୀଛାତ୍ରଙ୍କୁ ଆଗକୁ ନେଇଥାଏ

**ନାକଟିଦେଉଳ,୨୮।୧(ଡି.ଏନ.ଏ.)**

କଠିନ ପରିଶ୍ରମ, କର୍ତ୍ତବ୍ୟନିଷ୍ଠା ଓ ଅଧ୍ୟବସାୟ ଆଜିର ଛାତ୍ରୀଛାତ୍ରଙ୍କ ପାଇଁ ଜରୁରୀ। ଏହାକୁ ଜୀବନରେ ସାକାର କରିପାରିଲେ ସେମାନେ ସବୁ କ୍ଷେତ୍ରରେ ସଫଳ ହୋଇପାରିବେ। ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତ ବଞ୍ଜାଗୋଲା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ଏହା କହିଛନ୍ତି। ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ା. ଅମୂଲ୍ୟରତ୍ନ ମହନ୍ତ ମୁଖ୍ୟବକ୍ତା ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ବ୍ଲକ ଯୁବ ବିଜେଡ଼ି ସଭାପତି ଧୀରେନ କୁମାର ସାହୁ, ବଳମ ସରପଞ୍ଚ ଅନୁପମା ଗଡ଼ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବ୍ରଜଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ବାବୁଲାଲ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଗିଂମୁକ୍ତ କ୍ୟାମ୍ପସ ଉପରେ ଗୁରୁତ୍ୱ



କୁଚିଣ୍ଡାଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥିମାନେ।

**ରେଙ୍ଗାଲି/ ଜମନକିରା/ ନାକଟିଦେଉଳ/ କୁଚିଣ୍ଡା,୨୮।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସୁରଜମଲ କଲେଜରେ ଶନିବାର ଅଭିଭାବକ–ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ଼. ମନୋଜ କୁମାର ପଣ୍ଡା ଏଥିରେ ଅଧ୍ୟକ୍ଷତା କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପକ ଡ଼. ନରେଶ ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ କ୍ୟାରିୟର କାଉନସେଲିଂ ବିଷୟରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମୁରାରୀ ପ୍ରସାଦ ପଣ୍ଡା, ଚିନ୍ତାମଣି ପସାୟତ, ଅରୁଣ କୁମାର ସାହୁ, ଅଜିତ କୁମାର ନାୟକ, ଅଜୟ କୁମାର ସାହୁ, ଅଧ୍ୟାପିକା ଲିଲି ଦାସ, ଲୋପାମୁଦ୍ରା ପଟେଲ, ନଳିନୀ ପଧାନ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ସୁଜିତ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

ଜମନକିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଅଭିଭାବକ–ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ରମେଶ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିବା ବେଳେ ପିଇଟି ରଞ୍ଜନ କୁମାର ମହାକୁଳ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ କୃପାସିନ୍ଧୁ ନାଥ, ଅବସରପ୍ରାପ୍ତ ଅଧ୍ୟାପିକା ସୁଷମା ପଟ୍ଟନାୟକ, ଅଧ୍ୟାପିକା ଶିବାନୀ ବେହେରା, ଖବରଦାତା ରବୀନ୍ଦ୍ର ପ୍ରସାଦ ଦାନି ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

**କଲେଜରେ ଅଭିଭାବକ-ଶିକ୍ଷକ ବୈଠକ**

କ୍ୟାରିୟର କାଉନସେଲିଂ, ଏକାଡେମିକ ଓ କରିକୁଲାର ଆକ୍ଟିଭିଟି, ଛାତ୍ରୀଛାତ୍ରଙ୍କ ଉପସ୍ଥାନ, ରାଗିଂମୁକ୍ତ କ୍ୟାମ୍ପସ, ଅଭିଭାବକଙ୍କ ମତାମତ ଓ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ବହୁ ଅଭିଭାବକ ଯୋଗଦେଇଥିଲେ।

ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଶିକ୍ଷକ–ଅଭିଭାବକ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଡ଼. ମନୋରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦୀପେନ କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଶିକ୍ଷା ସମସ୍ୟା ଓ ଅଭିଭାବକଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଏଥିରେ ୧୨୦ଜଣ ଅଭିଭାବକ/ଅଭିଭାବିକା ଯୋଗଦେଇଥିଲେ। ସେହିପରି ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ରମେଶ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଶିକ୍ଷକ–ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦ଜଣ ଅଭିଭାବକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ ବୈଠକର ଉଦ୍ଦେଶ୍ୟ ଓ ଅଧ୍ୟାପକ ଶରତ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁତୁରାଚୁଆଁ ଯୁକ୍ତ ଦୁଇ କଲେଜରେ ଶନିବାର ଅଭିଭାବକ–ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଛାତ୍ରୀଛାତ୍ରଙ୍କ ନିୟମିତ ଉପସ୍ଥାନ ରହିଲେ ଶିକ୍ଷାଦାନ ପ୍ରକ୍ରିୟା ଉନ୍ନତମାନର ହୋଇପାରିବ ବୋଲି ଆଲୋଚନା ହୋଇଥିଲା। ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ ସଭା ପରିଚାଳନା କରିଥିବାବେଳେ ଅଧ୍ୟାପକ ସତ୍ୟନାରାୟଣ ପଟେଲ ଅତିଥି ପରିଚୟ ପ୍ରଦାନ କରି ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉନସେଲିଂ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ଭାବନା ପାଣ୍ଡେ, ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ ଶିକ୍ଷାଦାନର ବିଭିନ୍ନ ପଦ୍ଧତି ଉପରେ ଆଲୋଚନା କରିଥିଲେ। ପରିଚାଳନା ସମିତି ପୂର୍ବତନ ସମ୍ପାଦକ ହିମାଂଶୁ ମହାପାତ୍ର ଓ ପୁରାତନ ଛାତ୍ରସଂସଦ ସଭାପତି ଅରୁଣ ପଟେଲ ଉପସ୍ଥିତ ଥିଲେ। ସମ୍ବଲପୁର ଜିଲା ସର୍ବଶିକ୍ଷା ଅଭିଯାନର ଆର୍ଥିକ ପରାମର୍ଶଦାତା ବିଜୟ କୁମାର ନାଏକ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିବା ବେଳେ ଅଧ୍ୟାପକ ସୁଧୀର କୁମାର ନାଏକ ଧନ୍ୟବାଦ ଦେଇଥିଲେ।


ନାକଟିଦେଉଳ ଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଭିଭାବକ।

## ସଂଗଠନକୁ ବୁଥ୍ ସ୍ତରରୁ ମଜଭୁତ କର



ବୈଠକରେ ମଞ୍ଚାସୀନ ନେତୃବୃନ୍ଦ।

**ସମ୍ବଲପୁର,୨୮।୧(ବ୍ୟୁରୋ)**

ସାଧାରଣ ନିର୍ବାଚନ ପାଖେଇ ଆସୁଛି। ଦଳୀୟ ସଂଗଠନକୁ ବୁଥ୍ ସ୍ତରରୁ ମଜବୁତ କରିବାକୁ ହେବ। ରାଜ୍ୟ ସରକାରଙ୍କ ବିଫଳ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବାକୁ ପଡିବ। କେନ୍ଦ୍ର ସରକାରଙ୍କ ଯୋଜନା ଓ ଅନୁଦାନକୁ ନେଇ ଜନସାଧାରଣଙ୍କ ପାଖରେ ପହଞ୍ଚିବାକୁ ପଡିବ। ଏଥିପାଇଁ ଏବେଠାରୁ ସଂକଳ୍ପ ନେବାକୁ ଶନିବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଆୟୋଜିତ ଭାଜପା ଜିଲା କାର୍ଯ୍ୟକାରିଣୀ ବୈଠକରେ ନେତାମାନେ କହିଥିଲେ। ଭାଜପା ଜିଲା ସଭାପତି ଗିରିଶ ପଟେଲଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ବୈଠକରେ ପୂର୍ବତନ ମନ୍ତ୍ରୀ କେଭି ସିଂଦେଓ, ରାଷ୍ଟ୍ରୀୟ କାର୍ଯ୍ୟକାରିଣି ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ଆଶିଷ ହୋତା, ଗୋପାଲ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ନେତାମାନେ ରାଜ୍ୟ ସରକାର କିଭଳି କେନ୍ଦ୍ରୀୟ ଯୋଜନାକୁ ନିଜ ନାମରେ କରି ଲୋକମାନଙ୍କୁ ଭୁଆଁ ବୁଲାଇଛନ୍ତି ସେ ଉପରେ ବର୍ଷିଥିଲେ। କୃଷିଜାତ ଫସଲ, ଅଭାବୀ ବିକ୍ରି, କଟ୍‌ନୀଛଟ୍‌ନୀ, ଟାଟା ପାୱାର ମନମାନି ଓ ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତ ଭୁଶୁଡି ପଡିବା ନେଇ ଏକ ଚିଠା ପ୍ରସ୍ତୁତ କରାଯିବ। ଏହାକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବାକୁ ସ୍ଥିର ହୋଇଥିଲା।

## ଆଶ୍ରମ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ


ଉତ୍ସବରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**ଜମନକିରା,୨୮।୧(ଡି.ଏନ.ଏ.)**

ଜମନକିରା ବ୍ଲକ ବଡ଼ମାଲ ପଞ୍ଚାୟତ ଆଶ୍ରମ ସ୍କୁଲରେ ୬୮ ତମ ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୁରୁଚରଣ ଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବଡ଼ମାଲ ସରପଞ୍ଚ ନରେଶ କୁମାର ନାଏକ ମୁଖ୍ୟଅତିଥି, ସମିତିସଭ୍ୟ ଜେମାଦେଇ ମାଝି, ନାଏବ ସରପଞ୍ଚ ସୁନିତା ମାଝି, ଜିଆର୍‌ଏସ୍ ସୁଜିତ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଖେଳ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ନାଏକ କ୍ରୀଡ଼ା ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷକ ସରୋଜକୁମାର ପଟେଲ, ସୁନନ୍ଦା ପଟେଲ, ତପସ୍ୱିନି ମାଝି ସହଯୋଗ କରିଥିଲେ।

# ସାମାଜିକ ଅନୁଷ୍ଠାନ ପକ୍ଷରୁ ସାମୂହିକ ବ୍ରତୋପନୟନ

**ସମ୍ବଲପୁର,୨୮।୧(ବ୍ୟୁରୋ)**

ସମ୍ବଲପୁର ମାନବ ସେବା ହିଁ ମାଧବ ସେବା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ହୀରାକୁଦ ଆର୍ଯ୍ୟ ସମାଜ ମନ୍ଦିରରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ଚନ୍ଦ୍ର ଶେଖର ଶତପଥୀ, ସଭାପତି ଦୀପ୍ତିକାନ୍ତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଶଶିଧର ପଣ୍ଡା, ସମ୍ପାଦକ ପ୍ରଶାନ୍ତ ମିଶ୍ର, କୋଷାଧ୍ୟକ୍ଷ ତ୍ରିବେଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ଡା. ଶଙ୍କର ରାମଚନ୍ଦନି ଯୋଗ ଦେଇଥିଲେ। ଏଥିରେ ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ବରଗଡ଼, ସୋନପୁର, ଢେଙ୍କାନାଳ ଜିଲାରୁ ଆସିଥିବା ୧୩ ଜଣ ପିଲାଙ୍କ ବ୍ରତୋପନୟନ ହୋଇଥିଲ। ଏଭଳି ସେବା କାର୍ଯ୍ୟ ଆଗକୁ ଜାରି ରହିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା କହିଛନ୍ତି। ହୀରାକୁଦ ଇତିଶ୍ରୀ ଶତପଥୀ, ବିଜୟ କୁମାର ପଣ୍ଡା, ସୁରେନ୍ଦ୍ର ବିଶ୍ୱାଳ, ଅତନୁ ବହିଦାର, ଜ୍ଞାନେନ୍ଦ୍ରୀୟ ଦାଶ, ସୁରେନ୍ଦ୍ର ପ୍ରଧାନ, ସୁଶାନ୍ତ ସାହୁ, ଦେବଦତ୍ତ ପାଣିଗ୍ରାହୀ ସହଯୋଗ କରିଥିଲେ।


ବ୍ରତୋପନୟନରେ ସାମିଲ ହୋଇଥିବା ପିଲାମାନେ।

# ସମବର୍ଗୀ କ୍ଷେତ୍ର ଉପରେ ଗୁରୁତ୍ୱ ଦେବ ଓଡ଼ିଶା

**ସମ୍ବଲପୁର,୨୮।୧(ବ୍ୟୁରୋ)**

କୃଷକଙ୍କ ଆୟ ବୃଦ୍ଧି କରିବା ପାଇଁ ଆମକୁ ମାଛଚାଷ, କୁକୁଡାଚାଷ, ଦୁଗ୍ଧଚାଷ ଓ ପଶୁପାଳନ ଭଳି ସମବର୍ଗୀ କ୍ଷେତ୍ରଗୁଡିକ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଆମର ଫସଲ ପ୍ରଣାଳୀକୁ ବହୁମୁଖୀ କରିବାକୁ ପଡିବ।

ସମ୍ବଲପୁରଠାରେ ଆୟୋଜିତ ପ୍ରଥମ ପଶ୍ଚିମ ଓଡିଶା କୃଷି ମେଳାର ଶନିବାର ବିଦାୟକାଳୀନ ଅଧିବେଶନକୁ ସମ୍ବୋଧିତ କରି କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ସଚିବ ସଞ୍ଜୀବ କୁମାର ଚଢା ଏହା କହିଛନ୍ତି। ଗୁଜରାଟ ଭଳି ଆଗକୁ ବଢିବା ପାଇଁ ଦୁଗ୍ଧ କ୍ଷେତ୍ରରେ ଏକ ବୃହତ୍ ସମବାୟ ସମିତି ଗଠନ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ମୁଖ୍ୟଅତିଥି ଏପିଆଇସିଓଏଲ୍ ଓଡିଶା ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର କହିଛନ୍ତି, ପ୍ରଥମ ଥର ପାଇଁ ପଶ୍ଚିମ ଓଡିଶାରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଆମେ ଚାଷୀମାନଙ୍କୁ ସବ୍‌ସିଡି ପ୍ରଦାନ କରିବାରେ ନିରନ୍ତର ପ୍ରଗତି କରୁଛୁ। ଏଭଳି କାର୍ଯ୍ୟକ୍ରମ ସଫଳ ଚାଷୀମାନଙ୍କୁ ଆଗଧାଡିକୁ ଆସିବା ପାଇଁ ଏକ ସୁଯୋଗ ପ୍ରଦାନ କରିବ। ସମ୍ବଲପୁର ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳାଇ କହିଥିଲେ, ଏହି ପ୍ରକାରର କାର୍ଯ୍ୟକ୍ରମ ଚାଷୀମାନଙ୍କୁ ଟେକ୍ନୋଲୋଜି ସହ ଜଡିତ ହେବା ପାଇଁ ଏକ ସୁଯୋଗ ଦେଉଛି। ଏହି ମେଳା ପଶ୍ଚିମ ଓଡିଶାର ଚାଷୀମାନଙ୍କୁ ଯନ୍ତ୍ରୀକୃତ ଚାଷ ସହ ସଂଯୋଜିତ କରିବ। ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରି ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ କହିଛନ୍ତି, ଅନେକ ଚାଷୀ ଏଠାରେ ଆୟୋଜିତ ହୋଇଥିବା ସେମିନାରରୁ ଶିଖିବା ସହ ଉପକୃତ ହୋଇଛନ୍ତି। ଆମେ ଆଶା କରୁଛୁ ଯେ, କୃଷକମାନେ ଏଠାରୁ ଯିବା ପରେ ନିଜର ସାଥୀ କୃଷକଙ୍କ ସହ ଏହି ଶିକ୍ଷା ବାଣ୍ଟିବେ। ଅନ୍ୟମାନଙ୍କ ମଧ୍ୟରେ ପଶୁପାଳନ, ପ୍ରାଣୀ ଚିକିତ୍ସା ସେବା ବିଭାଗର ନିର୍ଦ୍ଦେଶକ ଡ. ୟେଦୁଲା ବିଜୟ, ଓଡିଶା ସରକାରଙ୍କ ଏସ୍‌ସି ଆଣ୍ଡ ଡବ୍ଲୁଡି ବିଭାଗର ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଉପସ୍ଥିତ ଥିଲେ। ଏଠାରେ ପଶ୍ଚିମ ଓଡିଶାର ୪୫ଜଣ ପ୍ରଗତିଶୀଳ କୃଷକଙ୍କୁ କୃଷି କ୍ଷେତ୍ରରେ ନିଜର ଅସାଧାରଣ କାର୍ଯ୍ୟ ପାଇଁ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ପ୍ରଣାଳୀ ମାଧ୍ୟମରେ ପୁରସ୍କୃତ କରାଯାଇଥିଲା।


ପଶ୍ଚିମ ଓଡିଶା କୃଷି ମେଳାର ଶନିବାର ଅଧିବେଶନରେ ମଞ୍ଚାସୀନ ଅତିଥିମାନେ।

